Sep
2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍‌ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଇ-ପତ୍ରିକା ଆହ୍ୱାନ

ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ଚଳିତ ସଂସ୍କରଣରେ ରହିଛି:-


| | |
|---|---|
| ସଂପାଦକୀୟ | ୧ |
| ଓଡିଆ ଚଳଚ୍ଚିତ୍ର ଗୀତ | ୨ |
| ପୁରୁଷ ସଶକ୍ତିକରଣ ବନାମ ନାରୀ ନିର୍ଯ୍ୟାତନା | ୨ |
| ଆମ ଗାଁ ହାଲଚାଲ | ୪ |
| ଆସ ପରୀକ୍ଷା କରି ଦେଖିବା | ୧୦ |
| ରାଜନୀତି | ୧୧ |
| ଟେଲିଗ୍ରାମ | ୧୫ |
| ଶଳାଭାଉଜ | ୧୯ |
| ଆମେ ଗରୀବ ହେଲେ କେଉଁଠି | ୨୩ |
| ରାତି ଆହୁରି ବାକି ଅଛି | ୨୬ |
| ଦଙ୍ଗା ଚାଲିଛି | ୨୭ |
| ଧନ୍ୟବାଦ | ୩୦ |


## ବିଶେଷ ସୂଚନା

ଏହି ପତ୍ରିକାର ପ୍ରକାଶନ ନିମନ୍ତେ ଆବଶ୍ୟକ ଲେଖା ଆମେ ଓଡିଶାର ବିଭିନ୍ନ ଲବ୍ଧ ପ୍ରତିଷ୍ଠିତ ଲେଖକ ଲେଖିକା ମାନଙ୍କ ଠାରୁ ଆଣିଦେଉଛୁ, ଏବଂ ଏହା ବ୍ୟତୀରେକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଲେଖା ସବୁକୁ ମଧ୍ୟ ଏଥିରେ ସ୍ଥାନ ଦେଉଛୁ। ଯଦି ଆପଣ ନିଜ ଦ୍ୱାରା ଲିଖିତ କୌଣସି କୃତି ଏହି ପତ୍ରିକାରେ ପ୍ରକାଶିତ କରିବାକୁ ଚାହୁଁଥାନ୍ତି, ଆମ ପାଖକୁ ଲେଖାର ପାଣ୍ଡୁଲିପିକୁ ପଠାଇ ପାରିବେ। ସାଦା କାଗଜରେ ଲେଖା ହୋଇଥିବା କାହାଣୀ, କବିତା, ଗଳ୍ପ ଆଦି ଚିଠି ଦ୍ୱାରା ପଠାନ୍ତୁ। ଯଦି ଆପଣ ଭାରତ ବାହାରେ ରହୁଥାଆନ୍ତି, ତେବେ କାହାଣୀ ଲେଖା ହୋଇଥିବା କାଗଜକୁ ସ୍କାନ୍ କରି ଇ-ମେଲ୍ ଦ୍ୱାରା ପଠାନ୍ତୁ।

**www.aahwaan.com**

Visit our website and see the Site in both Odia as well as English Versions. If you find difficulty in reading the Odia site please inform us.

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ନିଃଶୁଳ୍କ ପ୍ରସାରଣ ନିମିତ୍ତ

ସେପ୍ଟେମ୍ବର ୨୦୦୮ ସଂସ୍କରଣ

www.aahwaan.com

ଇ-ପତ୍ରିକା ଆହ୍ୱାନ

ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ସଂପାଦକୀୟ

ଦୀର୍ଘ କେଇ ମାସର ବ୍ୟବଧାନ ପରେ ଆହ୍ୱାନର ଏହି ସଂସ୍କରଣ ଆପଣ ମାନଙ୍କ ପାଇଁ ପୁଣିଥରେ ଉପସ୍ଥାପନ କଲାବେଳେ ଖୁବ୍ ଖୁସି ଅନୁଭବ କରୁଛି। କୌଣସି ପ୍ରକାର ମାନବ ସମ୍ବଳ କିମ୍ବା ଅର୍ଥ ସମ୍ବଳର ସହାୟତା ବିନା ଏହି କାର୍ଯ୍ୟକୁ ସୁଚାରୁ ରୂପରେ ସଂଚାଳିତ କରିବାର ସାମର୍ଥ୍ୟ ବୋଧହୁଏ ମୋ ପାଖରେ ନାହିଁ କିମ୍ବା ଏହି କାର୍ଯ୍ୟ କରିବାପାଇଁ ଆବଶ୍ୟକ ସମୟ ଦେଇ ପାରୁନାହିଁ, ଉଭୟ କ୍ଷେତ୍ରରେ ପତ୍ରିକାକୁ ବାରମ୍ବାର ବିଳମ୍ବରେ ପ୍ରକାଶିତ କରିବାକୁ ବାଧ୍ୟ ହେଉଛି।

ଯେକୌଣସି କାମ କରିବାପାଇଁ ସହାୟତା ଆବଶ୍ୟକ ହେଉଥାଏ। ଓଡିଆ ଭାଷାରେ ପ୍ରକାଶିତ ପତ୍ରିକା ପାଇଁ କେତେ ମାତ୍ରାରେ ସହାୟତା ମିଳେ ତାହା ଉଣାଧିକେ ସମସ୍ତେ ବୁଝିପାରୁଥିବେ। ମାଗଣାରେ ପ୍ରକାଶିତ ପତ୍ରିକାଟିଏ ବି ପଢିବାପାଇଁ ସ୍ପୃହା ନାହିଁ, କିଣି କରି ପଢିବାକୁ କହିଲେ କହିବେ, 'ସବୁ ଠକାମୀ'।

ଓଡିଆ ଭାଷାର ଏହି ଦୁରାବସ୍ଥା ପାଇଁ କେବଳ ଆମେ ହିଁ ଦାୟୀ। ପିଲାଟି ଦିନରୁ ପୁଅଝିଅଙ୍କୁ କମିକ୍ସ ପୁସ୍ତିକା କିଣାଇ ପଢାଇଲେ, ସିନା ହେଲେ ଓଡିଆଭାଷାର ବହିଟିଏ ଧରାଇଲେ ନାହିଁ। 'ଆଲିସ ଇନ ୱାଣ୍ଡରଲ୍ୟାଣ୍ଡ୍' ଗପ ଶୁଣାଇଲେ ସିନା, 'ଧର୍ମପଦ', 'ବାଜି ରାଉତ' ଗପ ଶୁଣାଇବାକୁ ଜାତୀୟ ଅପରାଧ ଭାବରେ ଧରିନେଲେ। ପିଲାର କଥାପଦଟିଏ କହିବା ବୟସ ହେଉ ହେଉ ଘରେ ବୁଢୀମା' ପାଖରେ ବସାଇ ତଗଡମାଳି, ଆଉ ଗପ ଶୁଣାଇଲେ ନାହିଁ, ପ୍ଲେ ସ୍କୁଲ୍ ପଠାଇ ପିଲାଙ୍କୁ ଟ୍ୱିଙ୍କଲ ଟ୍ୱିଙ୍କଲ ଲିଟିଲ୍ ଷ୍ଟାର୍ ବୋଲି ଗାଇବା ଶିଖାଇଲେ। ସେହି ପିଲା ବଡ ହେଲାଦିନେ କାହିଁକି ଓଡିଆ ବହି କିଣିବ ବା ପଢିବ। ଆଧୁନିକ ଯୁଗରେ ଟିଭି ଓ ସିନେମାର ପ୍ରାବଲ୍ୟତାରେ ପୁସ୍ତକ ପଠନ ହଜିଯାଉଛି। ହଁ ଯେଉଁ କେତେଜଣ ବୟୋବୃଦ୍ଧ ପୁସ୍ତକ ପଠନକାରୀ ଅଛନ୍ତି, ସେମାନଙ୍କୁ ବି ଘରେ ତାଗିଦ୍ କରି ଦିଆଯାଉଛି, ବହି କିଣି ଫାଲ୍ତୁ ଖର୍ଚ୍ଚ ନ କରିବା ପାଇଁ।

ଏହି ପରି ପରିସ୍ଥିତିରେ କଣ କରାଯିବ। ହେଲେ କଥାରେ ଅଛି, 'ଦୂରକୁ ଗଲାପରେ ମୂଲ୍ୟ ବୁଝି ହୁଏ।' ଠିକ୍ ସେହି ନ୍ୟାୟରେ ବିଦେଶରେ ଯାଇ ରହିବାପରେ ନିଜ ଭାଷାକୁ ଝୁରି ହେବା ସ୍ୱାଭାବିକ ହୋଇଗଲେ, ସେଠାରେ ସ୍ୱଭାଷାଭାଷୀଙ୍କୁ ନେଇ ସଂଗଠନ ଗଢିବା ଏବଂ କାଁ ଭାଁ ଭୋଜି ଭାତର ଆୟୋଜନ କରିବା ଛଡା ଆଉ କିଛି ହୁଏ ନାହିଁ। ବିଦେଶ ଭୂଇଁରେ ଓଡିଆ ଭାଷାର ପତ୍ରିକାଟିଏ ପାଇବା ସଂପୂର୍ଣ୍ଣତଃ ଅସମ୍ଭବ।

'ଆହ୍ୱାନ' ଆସେ ଏହି ପରି ଏକ ସମୟରେ ଯେତେବେଳେ ବିଦେଶାଗତ ଓଡିଆ ବନ୍ଧୁମାନଙ୍କୁ ପ୍ରତ୍ୟେକ ମାସରେ ଏକ ନିରବଚ୍ଛିନ୍ନ ତଥା ସଂପୂର୍ଣ୍ଣ ପାରିବାରିକ ଓ ସୁସ୍ଥ ସାହିତ୍ୟ ପତ୍ରିକା ଭାବରେ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହାନ୍ତରେ ପ୍ରକାଶିତ ଏହି ପତ୍ରିକା ବର୍ତ୍ତମାନ ବିଶ୍ୱର କୋଣ ଅନୁକୋଣରେ ଥିବା ଅଗଣିତ ଓଡିଆଙ୍କ ମନରେ ସ୍ଥାନ କରି ସାରିଛି।

ଏହି ପତ୍ରିକାସହ ଉପସ୍ଥାପନ କରୁଛି ଆହ୍ୱାନର ସଂପୂର୍ଣ୍ଣ ନୂତନ ସଂସ୍କରଣ।

ଧନ୍ୟବାଦ

ଓଡିଆ ଭାଷାର ଏହି ଦୁରାବସ୍ଥା ପାଇଁ କେବଳ ଆମେ ହିଁ ଦାୟୀ। ପିଲାଟି ଦିନରୁ ପୁଅଝିଅଙ୍କୁ କମିକ୍ସ ପୁସ୍ତିକା କିଣାଇ ପଢାଇଲେ, ସିନା ହେଲେ ଓଡିଆଭାଷାର ବହିଟିଏ ଧରାଇଲେ ନାହିଁ। 'ଆଲିସ ଇନ ୱାଣ୍ଡରଲ୍ୟାଣ୍ଡ୍' ଗପ ଶୁଣାଇଲେ ସିନା, 'ଧର୍ମପଦ', 'ବାଜି ରାଉତ' ଗପ ଶୁଣାଇବାକୁ ଜାତୀୟ ଅପରାଧ ଭାବରେ ଧରିନେଲେ।

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:

Aahwaan INFOTECH

Phone: +91-680-3296532
Mobile: +91-0-99385 17505
+91-0-98619 62160

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍‌ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

# ଓଡିଆ ଚଳଚ୍ଚିତ୍ର ଗୀତ

ଆମେ ଅନେକ ଦଶନ୍ଧି ଧରି ଓଡିଆ ଚଳଚିତ୍ର ଦେଖି ଆସୁଛେ, ମୋହନ ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଥମ ଓଡିଆ ଚଳଚ୍ଚିତ୍ର ସୀତାବିବାହ ପରଠାରୁ ଓଡିଆ ଚଳଚ୍ଚିତ୍ର ନୂତନ ଦିଗନ୍ତକୁ ପାଇ ଆସୁଛି। ବିଂଶ ଶତାବ୍ଦୀର  ଶେଷାର୍ଦ୍ଧରେ ଓଡିଆ ଚଳଚ୍ଚିତ୍ରର ନିଜସ୍ୱ ଶୈଳୀ ବିକଶିତ ହେଉଥିବା ସମୟରେ ପାଶ୍ଚାତ୍ୟ ଶୈଳୀର ପ୍ରଭାବ, ବିଶେଷତ: ବଙ୍ଗଳା ଆଉ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ପ୍ରଭାବରେ ଓଡିଆ ଚଳଚ୍ଚିତ୍ର ନିଜସ୍ୱ ହରାଇ ବସିଛି। ହେଲେ ନିଛକ ସତକଥା ହେଉଛି, ଏ ସବୁ ସତ୍ତ୍ୱେ ଓଡିଆ ଚଳଚ୍ଚିତ୍ରର ଗୀତ ଅନ୍ୟ ସମସ୍ତ ଭାରତୀୟ ଚଳଚ୍ଚିତ୍ର ମାନଙ୍କ ଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର।

ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ 'ମାଝିରେ' ଶୁଣି ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରମୁଖ ଗାୟକ ମହମ୍ମଦ ରଫି ଦିନେ ହତଚକିତ ରହିଯାଇଥିଲେ। ସେହି ପରି ଚିତ୍ତ ଜେନାଙ୍କ କଣ୍ଠରେ 'ପ୍ରିୟା' ଶବ୍ଦ ସମ୍ବଳିତ ଗୀତ, ହେଉ ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ପ୍ରେମ ଗୀତ ହେଉ ଅବା ଥଟା ଗୀତ ହେଉ, ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ କଣ୍ଠରେ 'ସପନର ପଥେ ପଥେ' ଗୀତ ସଂପୂର୍ଣ୍ଣ ଓଡିଆ ଜାତିର ସଂଗୀତ ହୋଇ ରହିଆସିଛି।

ନୂଆ ଚଳଚ୍ଚିତ୍ର ମାନଙ୍କରେ ଯଦିଓ ଗୀତ ରହିଛି ଆଉ ଆଧୁନିକତାର ତାଳେ ତାଳେ ଅତ୍ୟାଧୁନିକ ବାଦ୍ୟଯନ୍ତ୍ରର ଖୁବ୍ ବ୍ୟବହାର ହେଉଛି, ତଥାପି ପୁରୁଣା ଓଡିଆ ଚଳଚ୍ଚିତ୍ର ଗୀତର ମାଧୁର୍ଯ୍ୟ ନାହିଁ, ସେହି ସବୁ ପୁରୁଣା ଦିନର ସ୍ମୃତିକୁ ପୁଣି ଫେରାଇ ଆଣିବାର ଏକ ପ୍ରୟାସ ହେଉଛି, 'ଆହ୍ୱାନ ଓଡିଆ ଚଳଚ୍ଚିତ୍ର ଗୀତ ସଂକଳନ'। ଏହି ୱେବ୍‌ସାଇଟ୍ ମାଧ୍ୟମରେ ଆମେ ବିଗତ ଦିନର ସୁମଧୁର ସଂଗୀତର ପଦାବଳୀ ଆପଣଙ୍କୁ ଆଣିଦେବୁ।

ଆଜି ହିଁ ଉପସ୍ଥାନ କରନ୍ତୁ ଆମ ୱେବ୍‌ସାଇଟ୍‌ରେ।

http://lyrics.aahwaan.com

# ପୁରୁଷ ସଶକ୍ତିକରଣ ବନାମ ନାରୀ ନିର୍ଯ୍ୟାତନା

ବିଗତ ଦିନରେ ବ୍ରହ୍ମପୁର ସ୍ଥିତ ଭଞ୍ଜବିହାର ବିଶ୍ୱବିଦ୍ୟାଳୟର ଜନୈକା ଛାତ୍ରୀର ଅଭିଯୋଗକୁ ଭିତ୍ତି କରି ସ୍ୱନାମଧନ୍ୟ ପ୍ରାଧ୍ୟାପକ ମହାଶୟଙ୍କୁ ବାଧ୍ୟତାମୂଳକ ଭାବେ ଚାକିରୀରୁ ନିଲମ୍ବିତ କରିଦିଆଗଲା। ଏଠାରେ ସଂପୃକ୍ତ ପ୍ରାଧ୍ୟାପକଙ୍କ କୌଣସି ଯୁକ୍ତିକୁ ବିଶ୍ୱବିଦ୍ୟାଳୟ ଦ୍ୱାରା ସଂଗଠିତ କମିଟି ଶୁଣାଣି ବେଳେ ମହତ୍ତ୍ୱ ଦେଇନଥିଲେ। ଅପମାନିତ ମନେ କରି ସଂପୃକ୍ତ ପ୍ରାଧ୍ୟାପକ କାର୍ଯ୍ୟରୁ ଇସ୍ତଫାଦେଇ ଥିଲେ। ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ରାଜ୍ୟ ମହିଳା କମିସନର ନିଜେ ଆସିଥିଲେ। ଏହି ମାମଲାର ଛ'ମାସରୁ ଅଧିକ ସମୟ ବିତି ଯାଇଥିବା ପରେ ବର୍ତ୍ତମାନ କମିସନ୍ ନିଜ ନିଷ୍ପତ୍ତିରେ ସଂପୃକ୍ତ ପ୍ରାଧ୍ୟାପକଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ସେହିପରି ଓଡିଶା ବିଧାନସୌଧରେ କାର୍ଯ୍ୟରତା ମହିଳା ମାର୍ଶାଲ୍ ଗାୟତ୍ରୀ ପଣ୍ଡାଙ୍କ ଅଭିଯୋଗ କ୍ରମେ ବାଚସ୍ପତି ଶ୍ରୀ ମହେଶ୍ୱର ମହାନ୍ତିଙ୍କୁ ନିଜ ପଦବୀରୁ ବାହାର କରିଦିଆଯାଇଥିଲା, ଏବଂ ଏହି ମାମଲାରେ

ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ 'ମାଝିରେ' ଶୁଣି ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରମୁଖ ଗାୟକ ମହମ୍ମଦ ରଫି ଦିନେ ହତଚକିତ ରହିଯାଇଥିଲେ। ସେହି ପରି ଚିତ୍ତ ଜେନାଙ୍କ କଣ୍ଠରେ 'ପ୍ରିୟା' ଶବ୍ଦ ସମ୍ବଳିତ ଗୀତ, ହେଉ ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ପ୍ରେମ ଗୀତ ହେଉ ଅବା ଥଟା ଗୀତ ହେଉ, ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ କଣ୍ଠରେ 'ସପନର ପଥେ ପଥେ' ଗୀତ ସଂପୂର୍ଣ୍ଣ ଓଡିଆ ଜାତିର ସଂଗୀତ ହୋଇ ରହିଆସିଛି।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍‌ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସଂପୃକ୍ତ ଥିବା ଦର୍ଶାଇ ଯୁବ ନେତା ଦେବାଶିଷ ନାୟକଙ୍କୁ ବି ପଦରୁ ବିତାଡିତ କରାଯାଇଥିଲା । ଏବେ କିନ୍ତୁ ମାମଲାରେ ନିଷ୍ପତ୍ତି ଆସିଲା ପରେ କୁହାଯାଇଛି ଯେ ନିବର୍ତ୍ତମାନ ବାଚସ୍ପତି ନିର୍ଦ୍ଦୋଷ ।

ମାମଲାର ଶୁଣାଣି ପରେ ନ୍ୟାୟ ମିଳିବା ଅବଶ୍ୟ ଖୁସିର କାରଣ ହୋଇପାରେ କିନ୍ତୁ ମାମଲାର ଶୁଣାଣି ଆସିବା ଭିତରେ ସଂପୃକ୍ତ ବ୍ୟକ୍ତି ବିଶେଷର ମାନସିକ ସ୍ଥିତି କିପରି ଥିବ, ତାହା ବୋଧହୁଏ ଅନେକେ ଅନୁଭବ କରି ପାରିବେ ନାହିଁ । ଆଜୀବନ ଛାତ୍ରଛାତ୍ରୀମାନଙ୍କୁ ଉଚିତ ଶିକ୍ଷା ଦେଇ ଆସିଥିବା ପ୍ରାଧ୍ୟାପକଙ୍କୁ ଯେତେବେଳେ ଅପମାନିତ କରାଯାଇ ପଦବୀରୁ ଇସ୍ତଫା ଦେବାପାଇଁ ବାଧ୍ୟ କରାଯାଇଥିଲା, ସେତେବେଳେ ନିଜର ପ୍ରତିଷ୍ଠା, ସମ୍ମାନକୁ ସେ ଦାଣ୍ଡରେ ଧୂଳିରେ ମିଳେଇ ଯାଇଥିବା ଆଖି ଆଗରେ ଦେଖିଥିବେ ।

ନାରୀ ସଶକ୍ତିକରଣ ନାମରେ ଯେଉଁ କେତୋଟି ସଂବୈଧାନିକ ପରିବର୍ତ୍ତନ କରାଯାଇଥିଲା, ତାହାର ଫଳ ଏଇୟା । ନାରୀ ନିର୍ଯ୍ୟାତନା ଏକ ସହଜ ଓ ସରଳ ଉପାୟ, ଯାହା ଦ୍ୱାରା ଯେ କୌଣସି ନାରୀ ଜଣେ କିମ୍ବା ପଣେ ପୁରୁଷଙ୍କୁ ରାସ୍ତାରେ ଅପମାନିତ କରିଦେଇପାରେ । ଆମର ଆଇନକାନୁନ୍ ବ୍ୟବସ୍ଥାରେ ଥିବା କେତୋଟି ଭୂଲଭଟକାର ସହାୟତା ନେଇ, ଅନେକ ସ୍ତ୍ରୀଲୋକ ଏହି କାନୁନର ଅପବ୍ୟବହାର କରୁଛନ୍ତି, ଯାହାର ଦୁଇଟି ଉଦାହରଣ ଉପରେ ଦିଆଗଲା । ଖାଲି ତୁଣ୍ଡଖୋଲି କହିଦେଲେ ପୋଲିସ ବିନା ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ଯେ କୌଣସି ବ୍ୟକ୍ତିକୁ ହାଜତରେ ନେଇ ପକାଇଦେବେ । ଏପରିକି ଯୌନ ନିର୍ଯ୍ୟାତନା ଶାରୀରିକ ନ ହୋଇ ମାର୍ମିକ ହୋଇଥିଲେ ବି (ବାଚସ୍ପତି ସାହେବ କାଳେ ମହିଳା ମାର୍ଶାଲଙ୍କୁ ଏକାନ୍ତରେ ମିଶିବାକୁ କହୁଥିଲେ) ଏହାକୁ ଗୁରୁତର ସହିତ ବିଚାରକୁ ନିଆଯିବ । ସେହିପରି ବିବାହର ଅନେକ ବର୍ଷପରେ ବି ଯୌତୁକ ନିର୍ଯ୍ୟାତନା ପରି ଜଘନ୍ୟ ଅଭିଯୋଗ ଅଣାଯାଇ ପାରେ । ସେହିପରି ସାଧାରଣ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଥିବା ଯୌନ ସଂପର୍କକୁ 'ମାରିଟାଲ୍ ରେପ୍' (ବିବାହୋପରାନ୍ତ ଧର୍ଷଣ) ବୋଲି କୁହାଯାଇ ପାରେ ।

ଉପରୋକ୍ତ ସମସ୍ତ କାନୁନରେ ସ୍ତ୍ରୀର ବାକ୍ୟକୁ ଯେତେ ପ୍ରାଧାନ୍ୟ ଦିଆଯାଇଛି, ସେତିକି ପ୍ରାଧାନ୍ୟ ପୁରୁଷର ଯୁକ୍ତିକୁ ଦିଆଯାଇନାହିଁ । ଏଠାରେ ଆଇନ୍ ବ୍ୟବସ୍ଥାରେ ଥିବା ଅନ୍ୟଏକ ଭୁଲ୍‌କୁ ଉଲ୍ଲେଖ କରିବାକୁ ଚାହୁଁଛି, 'An allegation of Rape is easily made but difficult to prove otherwise' ଏହାର ଅର୍ଥ ହେଉଛି, ଯଦି କୌଣସି ସ୍ତ୍ରୀ ଆପଣଙ୍କ ବିରୋଧରେ ଯୌନ ନିର୍ଯ୍ୟାତନାର ଅଭିଯୋଗ ଆଣେ, ତେବେ ଏହାକୁ ପ୍ରମାଣିତ କରିବାପାଇଁ ସେହି ସ୍ତ୍ରୀକୁ କୌଣସି ଯୁକ୍ତି ବାଢିବା ଜରୁରୀ ନାହିଁ ମାତ୍ର ଆପଣ ସେହି ସବୁ କରିନାହାନ୍ତି ବୋଲି ପ୍ରମାଣିତ କରିବାକୁ ବାଧ୍ୟ । ଅର୍ଥାତ ଖାଲି ଧର୍ଷଣ ହୋଇଛି ବୋଲି କହିଦେଲେ ପୋଲିସ ଆପଣଙ୍କୁ ବାନ୍ଧିନେବ, ଏବଂ କୋର୍ଟରେ ଆପଣଙ୍କୁ ଏହା ପ୍ରମାଣିତ କରିବାକୁ ପଡିବ ଯେ ଆପଣ ଧର୍ଷଣ କରି ନାହାନ୍ତି । ଆଉ ଏପରି ବି ହୋଇପାରେ ଯେ ଦିନେ ଆପଣଙ୍କ ସ୍ତ୍ରୀ ପୋଲିସ ଥାନାରେ ଯାଇ ଆପଣଙ୍କ ବିରୋଧରେ ମାରିଟାଲ୍ ରେପ୍‌ର ଅଭିଯୋଗର ରିପୋର୍ଟ ଦେଇ ଆପଣଙ୍କୁ ହାଜତରେ ପକାଇ ଦେଇ ପାରନ୍ତି । ଆଉ ଆପଣଙ୍କ ସଂପୂର୍ଣ୍ଣ ପରିବାର ବିରୋଧରେ ଯୌତୁକ ନିର୍ଯ୍ୟାତନା ଅଭିଯୋଗ ଆଣି ପାରନ୍ତି । ସେହିପରି କ୍ଷେତ୍ରରେ ଆପଣ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରି ପାରିବେ, କିନ୍ତୁ

ନାରୀ ସଶକ୍ତିକରଣ ନାମରେ ଯେଉଁ କେତୋଟି ସଂବୈଧାନିକ ପରିବର୍ତ୍ତନ କରାଯାଇଥିଲା, ତାହାର ଫଳ ଏଇୟା । ନାରୀ ନିର୍ଯ୍ୟାତନା ଏକ ସହଜ ଓ ସରଳ ଉପାୟ, ଯାହା ଦ୍ୱାରା ଯେ କୌଣସି ନାରୀ ଜଣେ କିମ୍ବା ପଣେ ପୁରୁଷଙ୍କୁ ରାସ୍ତାରେ ଅପମାନିତ କରିଦେଇପାରେ ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ସେତିକି ହେଲା ବେଳକୁ ଆପଣଙ୍କ ସଂପୂର୍ଣ୍ଣ ପରିବାରକୁ ହାଜତରେ ନେଇ ପକାଇ ଦିଆଯିବ । ଆଉ ସମାଜରେ ଥିବା ଆପଣଙ୍କ ପରିବାରର ମାନସମ୍ମାନ ସବୁ କ୍ଷୁର୍ଣ୍ଣ ହୋଇ ସାରିଥିବ ।

କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଆମେ ନାରୀ ସଶକ୍ତିକରଣ ମନ୍ତ୍ର ବୋଲୁଥିବା ସେତେଦିନ ଯାଏଁ ଏହି ସମସ୍ତ ଅବଶ୍ୟମ୍ଭାବୀ ସମ୍ଭାବନାକୁ ଏଡାଇ ଦେଇ ପାରିବା ନାହିଁ। ଏବେ ସମୟ ଆସିଛି, ଏହି ସମସ୍ତ କାନୁନ୍‌କୁ ଏକ ଉଚ୍ଚ ସ୍ତରୀୟ ପର୍ଯ୍ୟବେକ୍ଷଣ ମାଧ୍ୟମରେ ପୁନ:ପରୀକ୍ଷା କରାଯାଇ ଏହାର ସଂଶୋଧନ କରାଯାଉ ।

## ଆମ ଗାଁ ହାଲ୍‌ଚାଲ

ସଞ୍ଜ ହେଲାଣି, କୋଠଘରୁ ମୃଦଙ୍ଗ ଝାଞ୍ଜର ଶବଦ ଆସି ଗାଁକୁ ପ୍ରକଂପିତ କରୁଚି । ପକ୍ଷୀମାନେ ଚିଂ ଚାଂ ରଡି ଛାଡି କେତେବେଳୁ ନିଡକୁ ଫେରିଗଲେଣି । ଦୁଆରପିଣ୍ଡାଟାରେ ବସି ବସି କୁନାନନା ଆକାଶକୁ ଚାହିଁଛି । ରହି ରହିକି କୁନାବୋଉର ସୁଁ ସୁଁ ଶୁଣି ଧିର ଗଳାରେ, ଘର ଭିତରକୁ ଚାହିଁକହୁଛି, 'ଆଲୋ ତୋ ଧର୍ମ ହବ, ଚୁପ୍ ହେଇଯା, ନଇଲେ ଗାଁ ଲୁକେ ଗାଁରୁ ବାହାର କରିଦେବେ । ମକରା ଓଡିଆ ପୁଅକୁ ଯେତେବେଳେ ଏ ବ୍ୟାଧି ହେଇଥିଲା, ଦେଖିନଥିଲୁ କି ପୁରା ବଉଁଶକୁ ନିଆଁପାଣି ବାସନ୍ଦ କରିଦେଇଥିଲେ। ଆଲୋ ଚୁପ୍ ହେଇଯା । ନଇଲେ ଏ ବୁଡାକାଳକୁ ବାରଦୁଆର ଶୁଣ୍ଡିପିଣ୍ଡା ହେବା ।' କୁନାବୋଉ ଚୁପ୍ ହେବାର ଚେଷ୍ଟା କରୁଛି । ଘର ଭିତରେ ଖଟିଆଟେ ଉପରେ ପଡିଛି କୁନା । ଧଇଁସଇଁ ହେଉଚି । ପବନ ଉଠେଇଦେଲେ ଅଣଚାଶ ବହିଲା ଭଳିଆ ଚିଲ୍ଲାଇ ପକଉଚି। କାନ୍ଥି ଉପର ଦେଇ ପଡିଶାଘର ଜଇନ୍ତି (ଜୟନ୍ତୀ) ଚାହିଁ ରହିଛି । ପାଣି ଟୋପାଟେ ବି ଦେଇ ପାରିବନି ଭାବି ସେ ମନରେ ଯେ କେତେ କାନ୍ଦୁଛି ସେ ହିଁ ଜାଣୁଛି ।

ପିଲାଟି ଦିନରୁ କୁନାକୁ ଭଲପାଉଥିଲା ସେ। ମନେ ମନେ କୁନାକୁ ବାହାହେବ ସ୍ୱପ୍ନ ଦେଖିଥିଲା, ହେଲେ ସୁରାଟ ଯିବାପରେ ତା ସବୁ ସ୍ୱପ୍ନ ହଜିଯାଇଥିଲା । ଘରେ ପ୍ରସ୍ତାବ ଦେଖା ଚଲାଇଥିଲେ, ହେଲେ ସୁଧାରୁ ସେ କୁନାକୁ ବାହା ହେବବୋଲି ମନେ ମନେ ସ୍ଥିର କରିଦେଇଥିଲା । କୁନା ବୟସ ସବୁ କୋଡିଏ । ପାଠ ପଢୁଥିଲା ଯେ ମାଷ୍ଟ୍ରେ କହୁଥିଲେ ପିଲାଟା କିଛି ନହିଲେ, ମାଷ୍ଟ୍ରଟେ ହେବ । ବଡ ବିଚକ୍ଷଣ ପ୍ରତିଭା । କେତେଥର ପୁରସ୍କାର ପାଇଛି । ମାତ୍ର ଗାଁରେ ରହିବା ଯାହା କୁଅ ଭିତରେ ବେଙ୍ଗ ହେବା ସେୟା । ମେଟ୍ରିକ୍ ଦ୍ୱାରବନ୍ଧ ଡେଉଁ ଡେଉଁ କୁଆଡେ ଯେ ତା'ଧ୍ୟାନ ଗଲା କେଜାଣି, ଦିନରାତି ଖାଲି ସୁରାଟ ସୁରାଟ ହେଲା । କୁନାବାପା କହୁଥିଲା, 'ବାବୁରେ ଆମର ଚାରି ଭରଣ ଜମି ଅଛି, ତୁ ଗାଁରେ ରହ, ଦେଖାଶୁଣା କରିବୁ ଯାହା ଯେତିକି ହେବ ଚଳିଯିବା । ଆଉ ବାବୁରେ ବିଦେଶଗଲେ କ'ଣ ଅଧିକ ମିଳିବରେ?' ହେଲେ କୁନା ନଛୋଡବନ୍ଧା । ପାଖଗାଁର ତା'ସାଙ୍ଗ କେଇଜଣ ଦେଖୁ ଦେଖୁ କଂଟ୍ରାକ୍ଟରସହିତ ମିଶି ସୁରାଟ ପଳାଇଲେ ଯେ ମାସ ଦୁଇଟାରେ ଘରକୁ ପାଞ୍ଚ ପାଞ୍ଚ ହଜାର ପଠାଇଲେ। କୁନାର ମନ ଲାଗିଲାନି ଗାଁରେ ।

ଘରେ ଅଶାନ୍ତି ହେଉଥିଲା ସତ ହେବେ ବାପାବୋଉ ଦୁଇଜଣ ଅନେକ ବୁଝାଇଲେ ବି ଶୁଣିଲାନି ସେ । ଗାଁ କରଣ କାନରେ କଥା ପଡିଲା ପରେ ସେ ବହୁତ ବୁଝାସୁଝା କଲେ ଆଉ ଶେଷରେ ଗାଁ ସ୍କୁଲରେ ପିଉନ୍ ଚାକିରୀ କରେଇଦେଲେ। ଦିନ କେତେଟା ଇସ୍କୁଲ୍ ବାରଣ୍ଡାରେ ଚଉକି ପକାଇ ବସିଲା, ଘଡି କୁ ଘଡି

ଗାଁରେ ରହିବା ଯାହା କୁଅ ଭିତରେ ବେଙ୍ଗ ହେବା ସେୟା । ମେଟ୍ରିକ୍ ଦ୍ୱାରବନ୍ଧ ଡେଉଁ ଡେଉଁ କୁଆଡେ ଯେ ତା'ଧ୍ୟାନ ଗଲା କେଜାଣି, ଦିନରାତି ଖାଲି ସୁରାଟ ସୁରାଟ ହେଲା । କୁନାବାପା କହୁଥିଲା, 'ବାବୁରେ ଆମର ଚାରି ଭରଣ ଜମି ଅଛି, ତୁ ଗାଁରେ ରହ, ଦେଖାଶୁଣା କରିବୁ ଯାହା ଯେତିକି ହେବ ଚଳିଯିବା ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep
2008
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଘଣ୍ଟା ପିଟିବା ଛଡା ଆଉ କିଛି କରିବାର ନଥିଲା। ମାସକୁ ଚାରିଶହ ଟଙ୍କା ମିଳିଲା। କୁନାବୋଉର ଖୁସି ଦେଖିଲେ ହେଲା। ଗାଁ କୋଠଘରେ ନଡିଆ ଦିପଣ ଭାଙ୍ଗି ଗାଁ ପିଲାଙ୍କୁ ନଡିଆକୋରା, ଲିଆ ଦୋଭଜା, ନବାତ ଭୋଗ ଖୋଇଲା। କୁନା ବି ଶାନ୍ତ ପଡିଯାଇଥିଲା। ନିତି ସକାଳୁ ସ୍କୁଲ୍ ଯିବା ଆଉ ସେଇଠୁ ସଞ୍ଜରେ ଘରକୁ ଫେରିବା, ତା'ର କାମ ହୋଇଗଲା। ଗାଁ ମାଷ୍ଟ୍ରେ କହିଲେ, 'ଏତେ ପାଠ ପଡି ତୁ ନଉକର ହେବୁ କିଆଁ?' ପାଖ ଗାଁରେ ଟୋକାଏ ମିଶି ଗୋଟେ ବିଦ୍ୟାମନ୍ଦିର ଖୋଲିଥିଲେ, ମାଷ୍ଟ୍ରଙ୍କ ସୁପାରିଶରୁ କୁନାକୁ ସେଇଠି ଗୁରୁଜୀ ପଦବୀଟେ ମିଳିଗଲା। ନିତି ସାଇକେଲ୍‌ରେ ଚାରି ମାଇଲ୍ ଯାଇଆସିଲେ ସୁଦ୍ଧା ଦୁଃଖ ନଥିଲା। ଇସ୍କୁଲ୍ କମିଟି କୁନାକୁ ମାସକୁ ସାତଶ' ଦେଲେ। ସକାଳ ପାଞ୍ଚରୁ ଉଠି ସ୍କୁଲ୍ ଯାଇ ଦିପହର ବେଳକୁ ଘରକୁ ଫେରି ଆସୁଥିଲା କୁନା। ଏଣେ ବାପାକୁ ବିଲରେ ଧାନ ବୁଣା ଆଉ ରୁଆ ବେଳକୁ ବି ହାତ ଦେଇପାରିଲା। ଘର ସ୍ୱର୍ଗ ହେଇଯାଇଥିଲା, ସତରେ, ମାତ୍ର ଦିନେ ସବୁ କିଛି ଓଲଟି ଗଲା।

ସେ ଦିନ ସବୁଦିନ ଭଳି, ଧୋବଧୋବଳିଆ ପୋଷାକ ପିନ୍ଧି କୁନା ଘରୁ ସ୍କୁଲ୍‌କୁ ବାହାରି ଯାଇଥିଲା, ସ୍କୁଲ୍‌ରୁ ଫେରିଲା ବେଳକୁ ଘର ଆଗରେ ମାଧିଆଓଡିଆ ନନାକୁ ଦେଖି କାହିଁକି ଆସିଚ ବୋଲି ପଚାରନ୍ତେ ସେ କହିଲା, ପୁଅର ଚିଠିଆସିଛି, ଟିକେ ପଡିଦେଉନୁ। କୁନା ସାଇକେଲ୍ ଠିଆ କରି ଚିଠି ପଡିଲା। ମାଧିଆ ଘରକୁ ତିରିଶି ହଜାର ଟଙ୍କା ପଠାଇଚି ବୋଲି ଲେଖିଥିଲା। ଆଉ ତା' ବାପା ବୋଉ ପାଇଁ ଲୁଗାପଟା ସହିତ ହାତଘଣ୍ଟା, କାନ୍ଥଘଣ୍ଟା ସବୁ ପଠାଇଚି ବୋଲି ବି ଲେଖିଥିଲା। ଚିଠିକୁ ଶୁଣି, ଅଇଁଠୁ ଗୋସେଇଁ କହିଲେ, 'ପିଲାଟା ବୋଇଲେ ଏକା ମର୍ଦ। କି ପାଠ ପଢ଼ିବ ହୋ? ପାଠ ପଡି କିସ କରିଥିତା (କରି ଥାଆନ୍ତା)? ଗାଁ ଇସ୍କୁଲ୍‌ରେ ପିଅନ ନହେଲେ, ଶିଶୁମନ୍ଦିରରେ ଗୁରୁଜୀ। ହେ ହେ ହେ।' ଅଇଁଠୁ ଗୋସେଇଁ ହସି ଦେଇ ଚାଲିଗଲେ ମାତ୍ର କୁନାକୁ କଥାଟା ଖୁବ୍ ବାଧିଲା। ସେଦିନ ସଂଧ୍ୟାରେ ଘରେ ଭାରି ପାଟିଗୋଳ ହେଇଥିଲା, ହେଲେ ସକାଳୁ ସକାଳୁ କୁନା ଫେରାର୍ ହୋଇ ଯାଇଥିଲା। ଅବଶ୍ୟ ସବୁ ଜାଣିଥିଲେ ସେ କୁଆଡେ (କେଉଁ ଆଡେ) ଯାଇଛି। ଆଠଟା ଦିନପରେ କୁନାର ଚିଠି ପାଇଥିଲା, କୁନାବୋଉ, ବହୁତ କାନ୍ଦିଥିଲା। କାର୍ଜିଏ କହିଲେ, 'ହଉ ପିଲାଟା ଯଦି ଭଲ କାମ କରିବାକୁ ଯାଉଛି, କା'ପାଇଁ? ତା'ର ଆଉ କିଏ ଅଛି? ସେ ଅର୍ଜିଲେ ତୁମେ ଦିଜଣ ଖାଇବ। ଗାଁରେ କୋଠା ମଡେଇବ।'

ଅବଶ୍ୟ ଠିକ୍ ମାସେ ପନ୍ଦର ଦିନ ବେଳକୁ ଘରକୁ ଚାରି ହଜାର ଟଙ୍କା ପଠାଇଥିଲା କୁନା। ଦିନକୁ ଆଠଘଣ୍ଟା ମଜୁରୀ, ଆଉ ଦିନକୁ ଶହେ ପାଉଣା। ହେଲେ ସେମାନେ କୁଆଡେ ଦିନକୁ ଷୋଳଘଣ୍ଟା ଖଟୁଥିଲେ, ମାସକୁ ପାଞ୍ଚଛ ହଜାର ହାତକୁ ଆସୁଛି, ଯେ ଯାବତୀୟ ଖର୍ଚସବୁ ଯାଇକି ଚାରି ହଜାର ପଠାଇଚି ବୋଲି ଲେଖିଥିଲା ଚିଠିରେ। କାର୍ଜିଏ ହସିଦେଇ କହିଲେ, ହଇରେ ସନିଆ, ତୋ ଦୁଃଖ ଏବେ ଗଲା, ଯା ଘର ତୋଳିବୁ, ନଇଲେ ବଳଦ ଘିନିବୁ (କିଣିବୁ)। ଚାରିହଜାର ଟଙ୍କା କେବେ ଏକାଠି ଦେଖିଥିଲୁ?' ପୋଷ୍ଟ ଅଫିସରୁ ଟଙ୍କା ଆଣି କୁନାବୋଉ କାନିରେ ବାନ୍ଧିଦେଇ କୁନାନନା କହିଥିଲା, 'ନେ, ତୋ ପୁଅ ଚାକିରୀ କରି ଟଙ୍କା ପଠେଇଚି। ଗଣିକି ସରାଗାତରେ ରଖିଦେ। ଆର ମାସକୁ ଫେର୍ ଚାରିହଜାର ପଠେଇବ ତୋ ପୁଅ। କାନିରେ ଲୁହ ପୋଛି ପୋଛି, କୁନାବୋଉ ଟଙ୍କାକୁ କାନ୍ଥିରେ ଥିବାଠାକୁର ଫୋଟତଳେ ରଖିଦେଇ କହୁଥିଲା, 'ହେ ଭଗବାନ ମୋ ପୁଅକୁ ଭଲରେ ରଖିଥା।'

ଅଇଁଠୁ ଗୋସେଇଁ କହିଲେ, 'ପିଲାଟା ବୋଇଲେ ଏକା ମର୍ଦ। କି ପାଠ ପଢ଼ିବ ହୋ? ପାଠ ପଢି କିସ କରିଥିତା (କରି ଥାଆନ୍ତା)? ଗାଁ ଇସ୍କୁଲ୍‌ରେ ପିଅନ ନହେଲେ, ଶିଶୁମନ୍ଦିରରେ ଗୁରୁଜୀ। ହେ ହେ ହେ।' ଅଇଁଠୁ ଗୋସେଇଁ ହସି ଦେଇ ଚାଲିଗଲେ ମାତ୍ର କୁନାକୁ କଥାଟା ଖୁବ୍ ବାଧିଲା।

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ବରଷେ ବିତିଗଲାଣି, କୁନା ସୁରାଟ ଗଲାଣୁ (ଗଲା ପରଠାରୁ) ମାସକୁ ମାସ ଯାହା ଚିଠି ଆଉ ଟଙ୍କା ଆସୁଚି ସିନା ସିଏ କେମିତି ଅଛି କଣ କରୁଛି କିଛି ଖବର ନାହିଁ। ଗାଁ ପିଲେ ଯିବା ଆସିବା କରୁଚନ୍ତି। କିଏ କହୁଚି ହଁ ଦେଖିଥିଲି ଆଉ କିଏ କହୁଛି, ସବୁବେଳେ କାରଖାନାରେ ରହୁଚି। ଏଇମିତ କଥାବାର୍ତ୍ତା ଶୁଣି ଶୁଣି ମନକୁ ବୁଝାଉଥିଲା ବେଳକୁ ଦଶହରାକୁ କୁନା ଗାଁକୁ ଆସିଥିଲା। ବୋଉପାଇଁ ରଙ୍ଗୀନ ଲୁଗା ଆଉ ନନାପାଇଁ ଫାଇନ୍ ଧୋତି ହଳେ ଆଣିଥିଲା। ଆଜୀବନ ଆକାଶକୁ ଆଉ ସୁରୁଜକୁ ଦେଖି ସମୟ ଜାଣୁଥିବା ସନିଆ ଏବେ ପୁଅ ଆଣିଥିବା ଘଣ୍ଟା ପିନ୍ଧି ଗାଁ ଦାଣ୍ଡରେ ବୁଲିଲା। ନିଶରେ ଘିଅ ଲଗାଇ, ନୁଆ ଟର୍କିଜ୍ ଗାମୁଛା କାନ୍ଧରେ ପକାଇ ସନିଆ ଗାଁ ମୁଣ୍ଡ ବସ୍‌ଷ୍ଟାଣ୍ଡରେ ବସିରହିଲା। ସପ୍ତାହଟେ ପାଇଁ ଆସିଥିଲା କୁନା ଦେହ ଖରାପ ହୋଇଯିବାରୁ ଦଶଦିନ ରହିଗଲା। ଖାଲି କାଶ ଆଉ କଫ। ଗାଁରେ ଥିବା ବଙ୍ଗାଳି ଡାକ୍ତର କହିଲା, କଫ ହେଇଯାଇଚି, କିସ ପାଣି ଓଷଟେ ଦେଇଥିଲା, ଦିଓଳି ଖାଇଲା ପରେ କାଶ କମିଗଲା, ଆଉ କୁନା ପୁଣି ଚାଲିଗଲା।

ଦି ବରଷ ହେଲାଣି, କୁନା ସୁରାଟରେ ଅଛି, କିଏ କହୁଥିଲା, ଆଜିକାଲି ବିଡି ଟାଣୁଚି, ତା' ନନା କହିଲା, ହଉ ବିଡିଟେ ଟାଣିଦେଲେ କିସ ହେଲା। କାମ କରୁଚି, ମୁଣ୍ଡ ଗରମ ହୋଉଥିବ ନା, ସେଇଠୁ ବିଡିଟେ ଟାଣିଦେଲା। ମାତ୍ର ନିୟମ କଲାଭଳିଆ ମାସକୁ ମାସ ଚାରି ହଜାର ଆସୁଥିଲା। ଏବେ ଏବେ ଛ'ହଜାର ଆସୁଚି। କୁନା ଲେଖିଥିଲା ତା'କୁ ଚାକିରୀରେ ପଦୋନ୍ନତି ମିଳିଛି। ଅଇଁଠୁ ଗୋସେଇଁ କହିଲେ, 'ଦେଖିଲୁରେ ସନିଆ, ପୁଅଟାକୁ ଘରେ ବସେଇ ଶିକ୍ଷାସହାୟକ କଲେ ମାସକୁ ଦେଡ ହଜାରରୁ ପାହୁଲାଟେ ବି ଅଧିକ ମିଳି ନଥାନ୍ତା। କୁନାବୋଉ ଓଡଣାତଳୁ କହିଲା, ସତେ ଯେ ମାଷ୍ଟ୍ରେ ହେଲେ ପିଲାଟା ଆଖି ଆଗରେ ରହୁଥାଆନ୍ତା ନା। ଅଇଁଠୁ ଗୋସେଇଁ ହସିଦେଇ କହିଲେ ବୁଝିଲୁ, କୁନାବୋଉ ତୁ ହେଲୁ ଗାଉଁଲି ସବୁବେଳେ ଗାଉଁଲି ହେଇକ ରହିବୁ। ହଇଲୋ ତୋ ପୁଅ ଦୁନିଆ ଦେଖିଲା ତା'ଠୁ ବଳି ବଡ କଥା ଆଉ କଣ? ଦେଖିବୁ ଏବେ ଛ ହଜାର ଦେଉଚି ଆଗକୁ ଷାଠିଏ ହଜାର ବି ଦେବ। ଯା' ତା ଲାଗି ଝୁଅ ଦେଖିବୁ, ବାହାସାହା କରିବ ନି କି?'

କୁନାପାଇଁ ଏବେ ପ୍ରସ୍ତାବ ଭିଡ। କିଏ କେତେ କୁଆଡୁ ସବୁ ଆଣି ପ୍ରସ୍ତାବ ଦେଇଯାଉଚନ୍ତି। କିଏ କହୁଛି, ହାତକୁ ମୁଦି ଆଉ ବେକକୁ ଅଧଭରି ଚେନ୍ ଦେବି, କିଏ କହୁଛି, ନୁଆ ଲୁନାଟେ ଦେବି, କିଏ କିଏ ଗାଡି ବି ଜାଚିଲେଣି। ଅମାରପୁର ରଇତଘର କହିଲେ ଜମି ଦି ଭରଣ ଦେବି ଆଉ ଗାଁରେ ବେଉସା ଆରମ୍ଭ କରିବ ବୋଇଲେ ଟଙ୍କା ଦଶ ହଜାର ଦେବି। ହେଲେ କୁନାବାପା ମନ ଭରୁନି। ଯାହା ହେଲେବି କୁନା ମାସକୁ ଛ ହଜାର ପାଇଲାଣି। ବର୍ଷକୁ ସତୁରି ହଜାର ଉପରେ ବୋଲି ପୋଷ୍ଟମାଷ୍ଟ୍ରେ କହୁଥିଲେ। ଆଗରୁ ଘରେ ପଶିଲେ ଚାଳ ବାଜୁଥିଲା, ଏଇନେ ଘର ବି ପକ୍କା ହେଲାଣି। ସକାଳ ସଞ୍ଜରେ ବୁଡାବୁଡୀ ଚା' ପିଉଚେନ୍ତି। ଆଉ କୁନା ଦେଖିବାକୁ ଯୋଉ ଚେହେରା, ରାଜାଠାଣି।

କୁନାକୁ ଖବର ପଠାଇଥିଲା ସନିଆ, ଆସିଲେ ଝୁଅ ଦେଖିଗଲେ, ବାହାଘରଟା ତୁଟାଇ ଦିଅନ୍ତେ। କୁନା କହୁଥିଲା, ନାଇଁ ଆଉ ଦି'ଟା ବର୍ଷ ଏଇଠି ରହି କାମ କଲେ, ତା'ପରେ ଗାଁକୁ ଯାଇ କିଛି ବେପାର

ଦି ବରଷ ହେଲାଣି, କୁନା ସୁରାଟରେ ଅଛି, କିଏ କହୁଥିଲା, ଆଜିକାଲି ବିଡି ଟାଣୁଚି, ତା' ନନା କହିଲା, ହଉ ବିଡିଟେ ଟାଣିଦେଲେ କିସ ହେଲା। କାମ କରୁଚି, ମୁଣ୍ଡ ଗରମ ହୋଉଥିବ ନା, ସେଇଠୁ ବିଡିଟେ ଟାଣିଦେଲା। ମାତ୍ର ନିୟମ କଲାଭଳିଆ ମାସକୁ ମାସ ଚାରି ହଜାର ଆସୁଥିଲା। ଏବେ ଏବେ ଛ'ହଜାର ଆସୁଚି।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

Sep 2008 ନି:ଶୁଳ୍କ ପ୍ରସାରଣ ନିମିତ୍ତ

ସେପ୍‌ଟେମ୍ବର ୨୦୦୮ ସଂସ୍କରଣ

www.aahwaan.com

ଇ-ପତ୍ରିକା ଆହ୍ୱାନ

ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କରିବି। ହେଲେ କୁନାବୋଉର ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଗାଁକୁ ଆସିଥିଲା ଝିଅ ଦେଖିବାକୁ। ମାତ୍ର ବରଷକରେ ଶୁଖି ଶୁଖି କଣ୍ଟା ହେଇଯାଇଥିଲା କୁନା। ଯେତେବେଳେ ଦେଖ କାଶୁଥିଲା। କରଣ ଆଜ୍ଞା କହୁଥିଲେ, କାଳେ ସୁତାକାରଖାନାରେ କାମ କଲେ ତୁଳା ସବୁ ନାକରେ ପଶିଯାଏ ଆଉ କାଶ ହୁଏ। ତେଣୁ ବଙ୍ଗାଳି ଡାକ୍ତର ପାଖରୁ ଓଷଦ ଆଣି ଖାଇଲା। ଦିନ କେଇଟାରେ କାଶ ଭଲ ହେଇଗଲା ସିନା ସକାଳୁ ସକାଳୁ ଖଙ୍କାର ବାହାରୁଥିଲା। ଗାଁ ଅଙ୍ଗନାବାଡି ଦିଦି କହିଲା କଫଟା ପରୀକ୍ଷା କରିବା ପାଇଁ। ସ୍ୱାସ୍ଥ୍ୟକେନ୍ଦ୍ରରେ କଫ ପରୀକ୍ଷାକଲାପରେ ଟିବି ବେମାରୀ ହେଇଚି ବୋଲି, ବାହାରିଲା। ଡାକ୍ତର କହିଲେ ଛ ମାସପାଇଁ ଓଷଦ ଖାଇବାକୁ ପଡିବ। କୁନାକୁ ସୁରାଟ ନଯିବାପାଇଁ କହିଲେ ସେ। ମାସେ ଖଣ୍ଡେ ଘରେ ବସି ଓଷଦ ଖାଇଲା। ଆଉ ସେତେ କାଶ କଫ ହେଉନଥିଲା। ସେ ପୁଣି ପଳାଇଗଲା ସୁରାଟ। କୁନାବୋଉ ମନାକରୁଥିଲା। ହେଲେ ଯୁଆନ୍ ଟୋକା କା'କଥା ଶୁଣିବ???

ସୁରାଟ ଯାଇ ପାଞ୍ଚଟା ମାସ ବିତିଗଲାଣି। ଗାଁରେ ଏଣେ ଭାରୀ ଗଣ୍ଡଗୋଳ। ମକରା ଓଡିଆ ପୁଅ ସୁରାଟ ଯାଇଥେଲା ଯେ କୋଉ ଗୋଟେ ଏଡସ୍ ବେମାରୀ ନେଇଆଇଚି ବୋଲି ଡାକ୍ତର କାଳେ କହିଲେ। ସରପଞ୍ଚେ ଆସି କହିଲେ, ଏ ବେମାରୀର ଓଷ ନାଇଁ। ମାତ୍ର ଏଇଟା କା'ଦେହକୁ ଡେଇଁବନି। ଡାକ୍ତର ଆଜ୍ଞାସୁଧାରୁ ସେଇକଥା କହିଲେ। ଦେଖୁ ଦେଖୁ ଗାଁକୁ ବାରମ୍ବାର ସରକାରୀ ଗାଡି ଆସୁଥିଲା। ନିଇତି ଡାକ୍ତର ଦଳ ଆସି ମକରା ଓଡିଆ ପୁଅକୁ ପରୀକ୍ଷା ନିରିକ୍ଷାକଲେ। ଶେଷରେ ଗାଁ ବାଲାଏ ଅଧରାତିଆ ନିଷ୍ପତ୍ତି ନେଇ ମକରା ଓଡିଆକୁ ନିଆଁପାଣି ବାସନ୍ଦ କରିଦେଲେ। ଶଯ୍ୟାରେ ପଡିଥିଲା ପୁଅକୁ ଧରି ମକରା ଓଡିଆର ସାତ ପ୍ରାଣୀ ବଉଁଶ କେତେ ନେହୁରା ହେଲେ ବି କେହି ଶୁଣିଲେନି। ତେଲିଦୋକାନରୁ ଆଣୁଥିବା ସଉଦା ସବୁ ବନ୍ଦ ହେଇଗଲା। ଦୁଆରେ ଠିଆହେବାକୁ ମନା କରିଦେଇ ହରିଆ ତେଲି ଅଛୁଆଁ ଭଳିଆ ଦୂରରୁ ଜିନିଷକୁ ମକରା ମିଳିପି(ସ୍ତ୍ରୀ) କାନିକୁ ଫୋପାଡି ଦେଉଥିଲା। ଦିନଥିଲା ସେଇ ମକରା ମାଇପ (ସ୍ତ୍ରୀ) ତେଲି ଦୋକାନକୁ ଆସିଲେ, ସମସ୍ତଙ୍କୁ ଛାଡି ଆଗ ତା'କୁ ସବୁ ଜିନିଷ ଦେଇ ଦେଉଥିଲା। ନଗଦ ପଇସା ମିଳୁଥିଲା।

କରଣେ ଭାରୀ ଜାଣିବା ଲୋକ, ହେଲେ ତାଙ୍କ କଥା କେହି ଶୁଣିଲେନି। କାର୍ଜିଏ କବାଟ କିଳିଲେ। କହିଲେ ଏ ଗାଁ ପାଣି ପବନରେ ଜୀବାଣୁ ଅଛି। ଅଗତ୍ୟା ମକରା ବଉଁଶ ଏକଘରିକିଆ ହୋଇ ରହିଲେ। ମକରାଓଡିଆ ପୁଅର ଦେହ ଖରାପ ଅଛି। ଦିନରାତି ପ୍ରବଳ ଜ୍ୱର, ସଞ୍ଜହେଇଗଲେ ଦେହ ନିଆଁସରିକି ତାତି ଯାଉଚି। ବଙ୍ଗାଳୀ ଡାକ୍ତର ଦେଖିବାକୁ ମନା କରିଦେଇଚି। ସହରକୁ ନେଇ ଚିକିତ୍ସା କରିବାକୁ ଯାଇଥିଲା ଯେ, ଡାକ୍ତର ସବୁ ମନାକରିଦେଲେ, କହିଲେ ୟାକୁ ଆମ ଡାକ୍ତରଖାନାରେ ରଖିଲେ ସବୁ ରୋଗୀ ଛାଡି ପଳାଇବେ। ଝଡାଫୁଙ୍କା କରୁଥିବା ଗୁଣିଆ ପାଖକୁ ଯାଇଥିଲେ ସେ କହିଲା, ୟା ଆଗରେ ବସିଲେ ମୋ ଦେହକୁ ରୋଗ ଡେଇଁବ। ଆଉ କିଛି ଉପାୟ ନଥିଲା। ଯେତେଦିନଯାଏଁ ସରକାରୀ ଡାକ୍ତରଖାନା ଗାଡି ଆସୁଥିଲା, କିସ କିସ ଓଷଦ ସବୁ ଦେଇଯାଉଥିଲା। ଏବେ ସେ ସବୁ ବି ବନ୍ଦ ହେଇଗଲାଣି।

ହଠାତ୍ ଦିନେ କୁନାନନାକୁ କାର୍ଜିଏ କହିଲେ କୁନା ଦେହ ଖରାପ। ସେ ସୁରାଟରେ ଡାକ୍ତରଖାନାରେ

ମକରା ଓଡିଆ ପୁଅ ସୁରାଟ ଯାଇଥେଲା ଯେ କୋଉ ଗୋଟେ ଏଡସ୍ ବେମାରୀ ନେଇଆଇଚି ବୋଲି ଡାକ୍ତର କାଳେ କହିଲେ। ସରପଞ୍ଚେ ଆସି କହିଲେ, ଏ ବେମାରୀର ଓଷ ନାଇଁ। ମାତ୍ର ଏଇଟା କା'ଦେହକୁ ଡେଇଁବନି। ଡାକ୍ତର ଆଜ୍ଞାସୁଧାରୁ ସେଇକଥା କହିଲେ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:

Aahwaan INFOTECH

Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଅଛି । ଯା' ନେଇ ଆସିବୁ । କିସ ହେଇଚି କହିଲାରୁ କହିଲେ, ଆଉ କିସ ହେଇଥିବ ସେଇ ଏଡସ୍ ଫେଡସ କିସ ଗୋଟେ ହେଇଥିବ ଏକା । କୁନାବାପା ପାଦ ତଳୁ ମାଟି ଖସିଗଲା ଭଳିଆ ଲାଗିଲା । ଏପାଖ ସେ ପାଖ ନ ଦେଖି ସେ ଘରକୁ ଯାଇ କବାଟ କିଳି ମୁଣ୍ଡକୁ କାନ୍ଥିରେ ପିଟିଲା । କୁନାବୋଉ ଏ ଖବର ଶୁଣି, ତଣ୍ଟି ଶୁଖିଗଲା । ଏଁ ଏଡସ । ମୁର୍ଚ୍ଛା ହେଇଗଲା ସେ । ପାଣି ମାରି ମାରି ଚେତା ଆଣିଲା ବେଳକୁ ଆଉଥରେ ଏଡସ ଏଡସ ହେଇ ସେ ମୁର୍ଚ୍ଛା ଯାଉଥିଲା । କୁନାବାପା ମନାକଲା ଏମିତି କରିବ ପାଇଁ। କହିଲା ଯଦି ଗାଁ ଲୁକେ ଜାଣିବେ ବୋଇଲେ ମକରା କକା ଭଳି ଆମକୁ ବି ବାସନ୍ଦ କରିଦେବେ । ଅଗତ୍ୟା କୁନାନନା ଏକା ଏକା ସୁରାଟ ଗଲା ପୁଅକୁ ଆଣିବା ପାଇଁ, ସପ୍ତାହକ ପରେ ଗାଁରେ ପହଞ୍ଚିଥିଲା କୁନା । ଦେହ ଶୁଖି ଅଧାରୁ କମ ହେଇଯାଇଥିଲା ।

ଅଙ୍ଗନାବାଡି ଦିଦି କହିଲା, ମୁଁ ୟାକୁ ଦେଖିପାରିବିନି । ଆଗରୁ ବି ଥରେ ସେ ଅଧା ଓଷ ଖାଇ ପଳେଇଥିଲା, ଏବେ ବି ପଳେଇବ । ସୁରାଟ ଯାଇ ଆସିଚି, ଏଡସ ଆଣିଥିବ ବୋଇଲେ । ଅଙ୍ଗନାବାଡି ଦିଦିର ଗୋଡହାତ ଧରି ନେହୁରା ହେବାପରେ ସେ କୁନାକୁ ଆଉ ତା'ବୋଉକୁ ନେଇ ଡାକ୍ତର ଖାନା ଯାଇଥିଲା । ପୁଣିଥରେ ସେଇ ଛ'ମାସର ଓଷଦ ଦିଆଯିବ ବୋଲି କହିଲେ ଡାକ୍ତର, କହିଲେ ଏସନ ଭାଗିଗଲେ ଆଉ ଓଷଦ ଦେବିନି, ମରିବୁ ସେଇଠି ଯାଇକି । କିସ ହେଇଚି ପୁଅକୁ ବୋଲି ପଚାରିବା ପରେ କହିଲେ, ଟିବି ହେଇଚି ଯେ ହେଲେ ମତେ ଲାଗୁଚି ୟା'କୁ ବି ଏଡସ ହେଇଚି । ନାଇଁ ଆଜ୍ଞା ଆମ ପିଲା ଭାରୀ ଭଲ ସେ କେବେ ବି ଏ ରୋଗ ଆଣିବନି, ବୋଲି କହି କୁନାନନା କୁନାକୁ ନେଇ ଘରକୁ ଆସିଥିଲା । ସେ ଦିନୁ ଘରେ ଏକ କୋଣରେ ପଡିଚି କୁନା । ଆଗ ଆଗ କିଛି ଖାଉନଥିଲା, ଏବେ ଏବେ ଦି ଗୁଣ୍ଡା ଭାତ ଖାଉଚି । ଚାରିମାସ ହେଲାଣି, ଶେଯରେ ପଡିଚି ଯେ, ଦେହହାତ ଲାଗିଗଲାଣି, ଭେଣ୍ଡିଆ ପୁଅ କାମ କରିବା ବୟସରେ ଘରେ ବସିରହିଲେ କିସ ହେବ ।

କୋଠଘରେ ମୃଦଙ୍ଗଝାଞ୍ଜ ଶବଦ ବନ୍ଦ ହେଲାଣି, କାହ୍ନୁ ପୁରୋହିତେ ଭୋଗବାଣ୍ଟି ବାଣ୍ଟି ଯାଉ ଯାଉ କହିଲେ, 'ସନିଆକିରେ, ତୋ ପୁଅ ଠିକ୍ ହେଲାଣି ନା ନାହିଁ?' 'ହେଲାଣି ମହାପ୍ରୁ' ବୋଲି କହି କୁନାବାପା ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲା । ଏଇ ସମୟରେ ମକରା ଓଡିଆଘରୁ ହଠାତ୍ ଜୋରରେ କାନ୍ଦବୋବାଳି ଶୁଣାଗଲା । କୁନାବାପା ଛାତିରେ ଛନକା ପଶିଲା । ଗାଁ ଲୋକେ ନିଜ ନିଜ ଦୁଆରେ ଠିଆହୋଇ ଶୁଣୁଥିଲେ ସୁଧା, ଆଗଭଳିଆ ଦଉଡି ଯାଇ କିଏ ବି ପଚାରିଲେ ନି କଣ ହେଲା । ସନିଆ ଦୁଆରୁ ଉଠି ଠିଆହେଲା, ମକରା ଓଡିଆ ଦୁଆରେ ଯାଇ କହିଲା, 'ମକରା କକା, କିସ ହେଲା? କାଇଁ କାନ୍ଦ ବୋବା ଲାଗିଚି । ଘର ଦୁଆରକୁ ଆସି ମକରା କହୁଥିଲା, ମୋ ଧନଟା ଆଉ ନାଇଁରେ ସନିଆ । ସେ ଚାଲିଗଲା ।' ଏଁ, ବଳିଆ ଚାଲିଗଲା । ହଁ ଏତେଦିନ ଯୋଉ କଷ୍ଟ ଭୋଗିବାର ଥିଲା ଭୋଗିଲା ଆଉ ଚାଳିଗଲା । ମନକୁ ମନ କହୁଥିବା ସନିଆ । କରଣ ଆଜ୍ଞା ଆଗକୁ ଆସିଲେ, କହିଲେ, ରାତି ହେବାକୁ ଗଲାଣି ଆଣରେ କୋକେଇ ବାନ୍ଧ ନେଇକି କ୍ରିୟାଟା ସାରିଦେବା ନା, ଆଉ ଡେରି ହେଲେ କଣ ହେବ । ଏଣେ କରଣ ଆଜ୍ଞାଙ୍କ ଯିବାଦେଖି କେତେଜଣ ଟୋକା ଯାଇ ମକରା ଦୁଆରେ ଠିଆହେଲେ । ଘଣ୍ଟାଏ ଭିତରେ ଗାଁ ଦାଣ୍ଡରେ କୋକେଇଧରି

ଅଙ୍ଗନାବାଡି ଦିଦି କହିଲା, ମୁଁ ୟାକୁ ଦେଖିପାରିବିନି । ଆଗରୁ ବି ଥରେ ସେ ଅଧା ଓଷ ଖାଇ ପଳେଇଥିଲା, ଏବେ ବି ପଳେଇବ । ସୁରାଟ ଯାଇ ଆସିଚି, ଏଡସ ଆଣିଥିବ ବୋଇଲେ । ଅଙ୍ଗନାବାଡି ଦିଦିର ଗୋଡହାତ ଧରି ନେହୁରା ହେବାପରେ ସେ କୁନାକୁ ଆଉ ତା'ବୋଉକୁ ନେଇ ଡାକ୍ତର ଖାନା ଯାଇଥିଲା ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

'ରାମ ନାମ ସତ୍ୟ ହେ' କହି ଶବର ଶୋଭାଯାତ୍ରା ଚାଲିଲା।

ରାତିଡେର ବେଳକୁ ପୋଖରୀ ହୁଡାରେ ଗାଧୁଆଗାଧୋଇ ହୋଇ ସବୁ ଫେରିଲା ବେଳକୁ କରଣ ଆଜ୍ଞା କହୁଥିଲେ, ପିଲାଯାକ କାହିଁକି ସବୁ ଏମିତି ହେଇଚନ୍ତି କେଜାଣି? ଯୋଉ ବୟସରେ ପାଠଶାଠ ପଢିବା କଥା ସେ ବୟସରେ ଯାଇ, ସୁରାଟରେ ନାନାଦି କୁକର୍ମ କରୁଛନ୍ତି। ଆଉ ରୋଗ ଆଣିବେନି ତ କ'ଣ? ଆଉ ବୋପା ମା ଟଙ୍କାଦେଖି ଭୋଳ ହେଇଯାଉଚନ୍ତି। ଛାଡ ଏବେ ସମୟ ଆସିଛି, ଆମକୁ ଏବେଠୁ ହିଁ ସାବଧାନ ହେବାକୁ ପଡିବ, ଆଗରୁ ଲୋକେ କୋଲିଆରୀ ଯାଉଥିଲେ, ହେଲେ କିଏ ବି ଏଡ୍‌ସ ରୋଗ ଆଣିବା କଥା କେହି କେବେ ଶୁଣିଥିଲେ କି?'

ସନିଆ ସବୁ ଶୁଣୁଥିଲା। ପାଦ ଚିପି ଚିପି ପଛରେ ଆସୁଥିଲା, କରଣେ କହିଲେ, 'କିରେ ସନିଆ ତୋ ପୁଅ ଦେହ ଭଅଲ ହେଲା ନା ନାହିଁ?' ମୁଣ୍ଡ ହଲାଇ ହେଲାଣି ବୋଲି କହିଲା। କରଣେ କହିଲେ ଯଦି ଆଗରୁ ତୁ ତାକୁ ଛ ମାସର ଓଷଦ ଖୁଆଇ ଦେଇଥାଆନ୍ତୁ ଆଜି ଏତେ ହଟହଟା ହେଇନଥାନ୍ତା।

ମକରାପୁର ଅନ୍ତିନ କ୍ରିୟାସାରି ଗାଁକୁ ଫେରିଲାପରେ ସକାଳୁ ସକାଳୁ ସରକାରୀ ଗାଡି ଆସି ଗାଁରେ ହାଜର। ଗାଁର ଆଉ କିଏ କିଏ ସୁରାଟ ଯାଇଚନ୍ତି ବୋଲି ପ୍ରଶ୍ନ ପଚାରନ୍ତେ, କାର୍ଜିଏ କୁନାକଥାଟା କହିଦେଲେ। ଘର ଭିତରେ ପଶି ହାତରୁ ରକ୍ତ ନେଇଗଲେ ସରକାରୀ ଦଳ, କହିଲେ ପରୀକ୍ଷା କରି କହିବୁ, ଏଡ୍‌ସ ହେଇଚି କି ନାହିଁ। ଗାଡି ଗାଁ ଦାଣ୍ଡରୁ ବାହାରକୁ ନ ଯାଉଣୁ, କିଏ କିଏ ସନିଆକୁ ଆଡ ଆଖିରେ ଦେଖିବାକୁ ଆରମ୍ଭ କରିଦେଲେ। ହଳିଆ ଓଡିଆ କହିଲା, ତୁ ତୋ ପୁଅକୁ ଘରେ ଲୁଚେଇ ରଖି ସେ ରୋଗକୁ ଗାଁରେ ମାଳିବାକୁ ଦେଇଚୁ ତୋତେ ଗାଁରୁ ବାହାର କରାଯିବ। କୁନାବୋଉ ଖାଲି କାନ୍ଦୁଥିଲା। କରଣେ କହିଲେ, ଯେତେବେଳ ଯାଏଁ ତା'ରିପୋର୍ଟ ଆସିନି, କେଇମିତି ଜାଣିବା ତାକୁ କଣ ହେଇଚି କି ନାହିଁ। ହେଲେ ମଧ୍ୟ କାଛି ସେପାଖରି ଓଟାରି ହେଇ ଦେଖୁଥିବା ଜୟନ୍ତୀକୁ ତା ବୋଉ ମନା କରିଦେଲା ଦେଖିବା ପାଇଁ। ରାତି ହେଉ ହେଉ ଅଧା ଗାଁ ସନିଆ ଓଡିଆକୁ ଏକଘରିକିଆ କରିବା ପାଇଁ ଜିଦ୍ କରୁଥିଲେ, କରଣ ଆଜ୍ଞା ନଥିଲେ ବୋଧହୁଏ ସେମାନଙ୍କୁ ନିଆଁପାଣି ବାସନ୍ଦ କରାଯାଇଥାନ୍ତା।

ରାତିରେ ଅଖିଆ ଅପିଆ ତିନି ପ୍ରାଣୀ ଆକାଶକୁ ଚାହିଁ ଚାହିଁ ବିତେଇଦେଲେ। ସେଇ ରାତିରେ କେତେ ଭଗବାନ କେତେ ଠାକୁର କଥା ମନେ ମନେ ଭାବିଚି କୁନାବୋଉ କୋଉ କୋଉଠି ନଡିଆ ଭାଙ୍ଗିବ ବୋଲି କହିଥିଲା। ସକାଳୁ ସକାଳୁ ଗାଁ ଲୋକେ ସନିଆ ଓଡିଆକୁ ଏକଘରିକିଆ କରିଦେଇଥିଲେ। ଯଦିଓ କରଣେ ମନାକରିଥିଲେ, ହେଲେ କେହି ବି କଥା ହେବା ଦୂର କଥା ମୁହଁଟେକି ଚାହିଁନଥିଲେ। ସନିଆ କରଣଘର ଦୁଆରେ ଗୁହାରୀ ପଡିଥିଲା, ଏ ବିପତ୍ତିରୁ କେମିତି ଉଧରିବି ବୋଲି କାନ୍ଦି ପକାଉଥିଲା। ସରକାରୀ ଗାଡି ରକ୍ତର ନମୂନା ନେଇ ଯିବାର ସାତଦିନ ହେଲାଣି, କିଛି ବି କହିଲାନି, ଗାଁ ଲୋକଙ୍କ ସନ୍ଦେହ ଦୃଢୀଭୂତ ହେବାକୁ ଲାଗିଲା।

ଭଗବାନଙ୍କ କୃପାରୁ ହପ୍ତାଏ ପରେ ଜଣେ ସରକାରୀ ପିଉନ୍ କାଗଜ ଖଣ୍ଡେ ନେଇ ଆସି ସନିଆକୁ ଦେଇ ଚାଲିଗଲା। କୁନା ସେ କାଗଜକୁ ପଢି କହିଲା, 'ବୋଉଲୋ ମୋତେ ଏଡ୍‌ସ ହେଇନି।' ହେଲେ

ହଳିଆ ଓଡିଆ କହିଲା, ତୁ ତୋ ପୁଅକୁ ଘରେ ଲୁଚେଇ ରଖି ସେ ରୋଗକୁ ଗାଁରେ ମାଳିବାକୁ ଦେଇଚୁ ତୋତେ ଗାଁରୁ ବାହାର କରାଯିବ। କୁନାବୋଉ ଖାଲି କାନ୍ଦୁଥିଲା। କରଣେ କହିଲେ, ଯେତେବେଳ ଯାଏଁ ତା'ରିପୋର୍ଟ ଆସିନି, କେଇମିତି ଜାଣିବା ତାକୁ କଣ ହେଇଚି କି ନାହିଁ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
Sep 2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କୁନାବାପାକୁ ତଥାପି ଭରସା ହେଉନଥିଲା, କାଗଜ ଧରି ଦଉଡିଲା କରଣ ଘରକୁ, ଦୁଆରେ ବସି କରଣ କାର୍ଜି ତାସ୍ ଖେଳୁଥିଲେ, କାଗଜ ଖଣ୍ଡକୁ ଦେଖି କହିଲେ, 'ଯା ସନିଆ, ତୁ ଭାଗ୍ୟବାନ ଟାଏରେ। ତୋ ପୁଅକୁ ଏଡ୍ସ ହେଇନି।' ସନିଆ କାନ୍ଦି ପକାଇଥିଲା। ସଞ୍ଜବେଳକୁ କୋଠଘରେ ଭୋଗରେ କୁନାବୋଉ ଗୁଆଘିଅଦିଆ ଦୀପ ଚଡେଇଥିଲା। କୁନାନନାକୁ ଠାକୁରାଣୀ ପାଖକୁ କୁକୁଡା ପଟେ ନେଇ ବୋଦାଦେବାକୁ କହୁଥିଲା।

## 'ଆସ ପରୀକ୍ଷା କରି ଦେଖିବା'

ପିଲାବେଳେ ସ୍କୁଲ୍‌ରେ ପଢୁଥିବା ସମୟରେ ପ୍ରତ୍ୟେକ ବିଷୟର ସମାପ୍ତିପରେ ଥିଲା ପ୍ରଶ୍ନାବଳୀ, ଆଉ ତା'ପୂର୍ବରୁ ଥିଲା 'ଆସ ପରୀକ୍ଷା କରି ଦେଖିବା', କିଏ କେବେ ଆଉ କାହିଁକି ଏହି ପରି ପୁସ୍ତକର ରଚନାକଲେ ତାହା ଆମେ ଜାଣିବା ସମ୍ଭବ ନ ହୋଇପାରେ, କିନ୍ତୁ ଯେଉଁ ଉଚ୍ଚକୋଟୀର ଶିକ୍ଷା ଆମକୁ ଏହି ପରୀକ୍ଷା କରିଦେଖିବା ଦ୍ୱାରା ମିଳିଲା ତାହା ସର୍ବୋପରି ଆମ ମନରେ ଘର କରିଗଲା, କଥା କଥାରେ ସେ ଦିନ ସାଙ୍ଗ ମାନଙ୍କ ସହ ବସି କଥା ହେଉଥିବା ବେଳେ କୌଣସି ଏକ ନୂତନ ପ୍ରୋଜେକ୍ଟ କଥା ଚିନ୍ତାକରୁଥିବା ସମୟରେ ଜନୈକ ଉଚ୍ଚ ଶିକ୍ଷିତ ବନ୍ଧୁ ମଜାଛଳରେ କହିଲେ, 'ଆସ ପରୀକ୍ଷା କରି ଦେଖିବା'। ସେଇଠୁ ସମସ୍ତେ ହସିଦେଲେ ସିନା, ମନକୁ କଥାଟା ଖୁବ୍ ପାଇଲା। ଜୀବନରେ ଆମେ ଅନେକ ନୂଆ ଜିନିଷ କରୁଛୁ, କେବେ ବି କେହି କିଛି କରିବା ପୂର୍ବରୁ 'ଆସ ପରୀକ୍ଷା କରି ଦେଖିବା' ବୋଲି ପଦଟିଏ କହିବା ଦେଖିନଥିଲୁ। ସେ ଦିନ କିନ୍ତୁ ସବୁ ବନ୍ଧୁବର୍ଗଙ୍କ ମେଳରେ ଘୋଷଣା କଲୁ ଯେ ଆଜିଠାରୁ ଯାହା ବି କରିବା ପ୍ରଥମେ ପରୀକ୍ଷା ନିରୀକ୍ଷା କରିବା ଏବଂ ପରେ ତାହାକୁ ଆମ ଦିନଚର୍ଯ୍ୟାରେ ସାମିଲ୍ କରିବା। କଲେଜ୍‌ରୁ ସାଇକେଲ୍ ଧରି ରାସ୍ତାରେ ଯାଉଥିବା ଝିଅଟିଏକୁ ଦେଖି ବନ୍ଧୁ ରମେଶ କହିଲା, ଝିଅଟିର ସାଇକେଲ୍‌ର ବେଗ ଛ' କିଲୋମିଟର। ରମେଶ ଜଣେ ଚତୁର ଛାତ୍ର ଏହା ଆମେ ସମସ୍ତେ ଜାଣିଥିଲେ ସୁଦ୍ଧା, ହଠାତ୍ ସମସ୍ତଙ୍କ ପାଟିରୁ ବାହାରି ପଡିଲା 'ଆସ ପରୀକ୍ଷା କରି ଦେଖିବା', ଅଗତ୍ୟା ମୋଟର ସାଇକେଲ ଧରି ଝିଅଟି ସହ ତାଳଦେଇ ଚଳାଇ ଦେଖିଲୁ, ପ୍ରକୃତରେ ବେଗ ଛ' କିଲୋମିଟର ଥିଲା, ଅବଶ୍ୟ ଏତେଜଣ ଲୋକ ଏକା ସାଥିରେ ଝିଅଟାକୁ ଚାରି ଆଡୁ ଘେରିଯିବା ଦେଖି ସେ ଚମକି ଯାଇ ଅଟକି ଯାଇଥିଲା।

ସ୍କୁଲ୍‌ରେ ପଢୁଥିବା ସମୟରେ ଆମେ କେବେ ବି ଏହି 'ଆସ ପରୀକ୍ଷା କରି ଦେଖିବା' ଧାଡିର ତାତ୍ପର୍ଯ୍ୟ ବୁଝିପାରିଲୁ ନାହିଁ। ଅବଶ୍ୟ ବିଜ୍ଞାନ ଶିକ୍ଷକଙ୍କ ଉତ୍ସାହ ଯୋଗୁଁ କିଛି କିଛି ପରୀକ୍ଷଣ କରିଥିଲୁ। ଗାଁ ସ୍କୁଲ୍‌ରେ ପାଠ ପଢୁଥିବା ସମୟରେ ମାଷ୍ଟ୍ରେ ଆଜ୍ଞା କହିଲେ, 'ଥାଉରେ ପୁଅ, ତୁ ତ ବଡ ବୈଜ୍ଞାନିକ ହେଇଯିବୁ, କହିଲା କ'ଣ ନା ପରୀକ୍ଷା କରି ଦେଖିବ, ଯା' ତୋ ବୋପାକୁ ସାହାଯ୍ୟ କରିବୁ ଯା। ବିଲରେ ଧାନବୁଣି ପରୀକ୍ଷା କରିବୁ।' ବାସ୍ ମାଷ୍ଟ୍ର ଆଜ୍ଞାଙ୍କ ଏହି ଉତ୍ସାହବର୍ଦ୍ଧକ କଥାପଦୁଟିଏ ଶୁଣି, ମୋର ସମକକ୍ଷ ସମସ୍ତ ଛାତ୍ର ସମେତ ମୁଁ ବି ନିରବ ହୋଇଗଲି। ଏହାପରେ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଏମିତି ମେଟ୍ରିକ୍ ପର୍ଯ୍ୟନ୍ତ ଆସିଲି। ଅନେକ ବିଦ୍ୟାଳୟରେ ପାଠ ପଡିଲେ ସୁଧା କେବେ ବି ବିଜ୍ଞାନ ଆଜ୍ଞାଙ୍କୁ ପରୀକ୍ଷା କରି ଦେଖିବା ପାଇଁ କହିପାରିଲି ନାହିଁ।

ପିଲାବେଳେ ସ୍କୁଲ୍‌ରେ ପଢୁଥିବା ସମୟରେ ପ୍ରତ୍ୟେକ ବିଷୟର ସମାପ୍ତିପରେ ଥିଲା ପ୍ରଶ୍ନାବଳୀ, ଆଉ ତା'ପୂର୍ବରୁ ଥିଲା 'ଆସ ପରୀକ୍ଷା କରି ଦେଖିବା', କିଏ କେବେ ଆଉ କାହିଁକି ଏହି ପରି ପୁସ୍ତକର ରଚନାକଲେ ତାହା ଆମେ ଜାଣିବା ସମ୍ଭବ ନ ହୋଇପାରେ, କିନ୍ତୁ ଯେଉଁ ଉଚ୍ଚକୋଟୀର ଶିକ୍ଷା ଆମକୁ ଏହି ପରୀକ୍ଷା କରିଦେଖିବା ଦ୍ୱାରା ମିଳିଲା ତାହା ସର୍ବୋପରି ଆମ ମନରେ ଘର କରିଗଲା

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

Sep 2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ମେଟ୍ରିକ୍ ପଢୁଥିବା ସମୟରେ ଆଜ୍ଞାଙ୍କ ସହାୟତାରେ କିଛି କିଛି ପରୀକ୍ଷଣ କରିଥିଲୁ। ମାନ୍ଧାତା କାଳର ବୈଜ୍ଞାନିକ ଉପକରଣ ସବୁକୁ ରୁମ୍ ବଦଳାଇଲା ବେଳକୁ ଦେଖି ଉତ୍ସାହୀ ହେବାର ଦେଖି ବିଜ୍ଞାନ ଆଜ୍ଞା ଆମ କେଇ ଜଣ ଛାତ୍ରଙ୍କୁ ନୂଆ ବିଜ୍ଞାନାଗାରରେ ପରୀକ୍ଷଣ କରି ଦେଖାଇ ଥିଲେ। ଭିନ୍ନ ଭିନ୍ନ ରସାୟନକୁ ମିଶାଇ ନୂଆ ରଙ୍ଗର ରସାୟନ କରିବା, ଆଟା ପେଡିରେ କଣାକରି ରନ୍ଧ୍ର କେମେରା କରିବା ଭଳି କେତେ କଣ କରି ଦେଖାଇଥିଲେ। ଯେତେବେଳକୁ ବିଜ୍ଞାନପ୍ରତି ଆକର୍ଷଣ ବଢୁଥିଲା, ସେହି ସମୟରେ ସ୍କୁଲ୍‌ରୁ ବିଦାୟ ନେବାକୁ ହେଲା। ଯୁକ୍ତ ଦୁଇ ପଢିଲା ବେଳକୁ, ଦୈନିକ ବିଜ୍ଞାନାଗାରରେ ପରୀକ୍ଷଣ କରୁଥିଲି, ବେଙ୍ଗ, ଅସରପା ଆଉ ଠେକୁଆ ମାରି କେତେ କଣ ପରୀକ୍ଷା କରି ଦେଖିଥିଲି। ବେଙ୍ଗର ମସ୍ତିଷ୍କ, ଅସରପାର ସ୍ନାୟୁତନ୍ତ୍ର, ଠେକୁଆର ଅନ୍ତନଳୀ, ସବୁ ଦେଖିଲି। ଭଗବାନଙ୍କ କୃପାରୁ ଡାକ୍ତରୀ ବିଦ୍ୟାରେ ଯୋଗଦେବାପରେ ମନୁଷ୍ୟଶରୀରକୁ ତନ୍ନ ତନ୍ନ କରି କାଟି ଦେଖିବାର ସୁଯୋଗ ବି ପାଇଥିଲି, ହେଲେ ସ୍କୁଲ୍‌ରେ ପଢୁଥିବା ସମୟରେ ଆମ ସ୍କୁଲ୍‌ରେ ଥିବା
ବିଭିନ୍ନ ଯନ୍ତ୍ର ସବୁକୁ ଭଲ ଭାବରେ ଦେଖି ନପାରିବାର ଦୁ:ଖ ମୋତେ ସାରା ଜୀବନ ରହିବ।

ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କ କୃପାରୁ ସୁଦୂର ଘୁମୁସର ଉଦୟଗିରିରେ ସ୍ଥାପିତ ହୋଇଥିଲା, ହବାକ୍ ହାଇ ସ୍କୁଲ୍, ଆଉ ସେଇ ସ୍କୁଲ୍‌ର ବିଜ୍ଞାନାଗାରରେ ଥିବା ଅନେକ ଯନ୍ତ୍ରକୁ ଆମର ଅନେକ ଶିକ୍ଷକ ବି ଜାଣିନଥିଲେ। ସ୍ୱାଧିନତା ପୂର୍ବବର୍ତୀ ସମୟରେ ଇଂଲଣ୍ଡରୁ ଅଣାଯାଇଥିବା ବାଇସ୍କୋପ୍ ଯନ୍ତ୍ର, କେମେରା, ପ୍ରୋଜେକ୍ଟର ସବୁକୁ ଛୁଇଁଲା ବେଳକୁ ଦେହରେ ଯେଉଁ ଆନନ୍ଦର ଶୀହରଣ ହେଉଥିଲା, ସ୍କୁଲ୍ ପରବର୍ତୀ ସମୟରେ ଅନେକ ପରୀକ୍ଷଣ କରିଥିବା ସତ୍ତ୍ୱେ ସେହି ଆନନ୍ଦ ମିଳିଲା ନାହିଁ। ଆଜି ବି ବେଳେ ବେଳେ ସ୍କୁଲ୍‌ରେ ସେଇ ଅନ୍ଧାର କୋଠରୀ କଥା ମନେ ପଡେ, ଯେଉଁଠି ଆମର ପ୍ରିୟ ବିଜ୍ଞାନ ଶିକ୍ଷକ ଆମକୁ ନେଇ ଭିନ୍ନ ଭିନ୍ନ ବିଜ୍ଞାନାଗାରର ଯନ୍ତ୍ରପାତି ଦେଖାଉଥିଲେ, ଅନେକ ସମୟରେ ଆମର ଅଜ୍ଞାନତାରୁ ଅନେକ ଯନ୍ତ୍ରପାତି ଭାଙ୍ଗି ଦେଇଥିଲେ ସୁଦ୍ଧା ଆମ ଶିକ୍ଷକଙ୍କ ଉତ୍ସାହ ଆମକୁ ଜୀବନରେ ଆଗକୁ ବଢିବାକୁ ଅନେକ ସାହସ ଦେଇଛି।

ସ୍କୁଲ୍ ପରବର୍ତୀ ସମୟରେ ବିଜ୍ଞାନ ପରୀକ୍ଷଣ ନିତ୍ୟ ବ୍ୟବହାର୍ଯ୍ୟ ହୋଇଯାଇଥିଲା, ତେଣୁ ବୋଧହୁଏ 'ଆସ ପରୀକ୍ଷ କରି ଦେଖିବା' ବୋଲି କହିବାର କୈଣସି ସୁଯୋଗ ନଥିଲା। ଆଜି ପୁଣିଥରେ ସମସ୍ତେ ଏକାଠି ବସି ସେଇ କଥାପଦକ କହିବା ପରେ ଆମର ସ୍କୁଲ୍ ଦିନର ସ୍ମୃତି ସବୁ ସତେଜ ହୋଇଯାଇଥିଲା।

ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କ କୃପାରୁ ସୁଦୂର ଘୁମୁସର ଉଦୟଗିରିରେ ସ୍ଥାପିତ ହୋଇଥିଲା, ହବାକ୍ ହାଇ ସ୍କୁଲ୍, ଆଉ ସେଇ ସ୍କୁଲ୍‌ର ବିଜ୍ଞାନାଗାରରେ ଥିବା ଅନେକ ଯନ୍ତ୍ରକୁ ଆମର ଅନେକ ଶିକ୍ଷକ ବି ଜାଣିନଥିଲେ। ସ୍ୱାଧିନତା ପୂର୍ବବର୍ତୀ ସମୟରେ ଇଂଲଣ୍ଡରୁ ଅଣାଯାଇଥିବା ବାଇସ୍କୋପ୍ ଯନ୍ତ୍ର, କେମେରା, ପ୍ରୋଜେକ୍ଟର ସବୁକୁ ଛୁଇଁଲା ବେଳକୁ ଦେହରେ ଯେଉଁ ଆନନ୍ଦର ଶୀହରଣ ହେଉଥିଲା, ସ୍କୁଲ୍ ପରବର୍ତୀ ସମୟରେ ଅନେକ ପରୀକ୍ଷଣ କରିଥିବା ସତ୍ତ୍ୱେ ସେହି ଆନନ୍ଦ ମିଳିଲା ନାହିଁ।

## ରାଜନୀତି

ପୌର ନିର୍ବାଚନର ବାଜା ବାଜିଲାଣି। ଦଳଦଳ ଲୋକ ତୋଲମହୁରୀ ଧରି ବସିଛନ୍ତି। ଯେଉଁ ପାର୍ଟିର ନେତା ହୁଅନ୍ତୁ ବା ଚେଲା ଚାମୁଣ୍ଡା, ସେମାନେ ବାଜା ବଜାଉଛନ୍ତି ଆଉ ପାଉଣା ପାଉଛନ୍ତି। ବାହାଘର ଚତୁର୍ମାସ୍ୟା ଚାଲିଛି ବୋଲି କେହି ଡାକରା ଦେଉନଥିବା ବେଳେ ଏ ପ୍ରହସନ ଖୁବ୍ ଭଲ ଚାଲିଛି। ସକାଳୁ ସକାଳୁ ଧାନତଳି ପକା ସାରି ଆସି ଦଶଟା ବେଳକୁ ପଖାଳ ପକାଇ ପୁରା ଦଳ ମ୍ୟୁନିସିପାଲ୍‌ଟି ଅଫିସ୍ ଆଗରେ ବସି ଯାଉଛନ୍ତି। ପିଛିଲା ତିନି ଦିନରେ ଆଠଟା ଦଳକୁ ବାଜା ବଜାଇ ସ୍ୱାଗତ କରି ଦଶ ବାର

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ହଜାର କମେଇ ସାରିଲେଣି । ଗଲା ବାହାଘର ସିଜିନ୍‌ରେ ଦଶଟା ବାହାଘରକୁ ଯାଇ ଯେତିକି ମିଳିନଥିଲା ଏଇ ନିର୍ବାଚନ ହୱାରେ ତାଠୁ ଅଧିକ ମିଳିଗଲାଣି । ଯେ ଖାଲି ଲାଭ ହେଇଛି ତା'ନୁହେଁ । ପଇସା ସାଙ୍ଗକୁ ପାଟି ମିଠା ବି ହେଉଚି ଆଉ ବୋତଲେ ଦି ବୋତଲ ନାଲିପାଣି ବି ମିଳୁଛି । କାଳୁଆ ଦି ଦିନହେଲା ଢୋଲ ପିଟି ପିଟି ହାତରେ ବିଣ୍ଡି ବସିଗଲାଣି । ହେଲେ ପଇସା ମିଳୁଛି ଯେ ଦର୍ଦ ଜଣାପଡୁନି ।

ଆହୁରି ଦି ଦିନ ଅଛି । ଫାରମ ପକାଇବାର । ଲୋକ କହୁଛନ୍ତି ଏ ସନ କାଳେ ଅଧିକ ଫାରମ ପଡିବ । ଯା ହେଉ ସଞ୍ଜବେଳକୁ ବସ୍ତିରେ ବସି କଥା ହେଉଥିବା ବେଳେ ରାଧା କହିଲା, 'ନନା କାଲି ମୁଁ ଯିବି ।'

କାଳୁଆ କହିଲା 'ତୁ ? କ'ଣ କରିବୁ ସେଇଠି? ତୁ ଘରେ ଥା । ମୁଁ ଫେରିଲା ବେଳକୁ ମିଠେଇ ଆଣିଦେବି ଯେ ।'

ସବୁ କଥାବାର୍ତ୍ତା ହେଉ ହେଉ କୁଡିଆ ଭିତରୁ ସୁକେଇ ଡାକିଲା, 'ଏ ରାଧି ନନାକୁ କ' ଆସି ଖାଇକି ଶୋଇପଡିବ । ସକାଳୁ ସକାଳୁ ଧାନରୋଇବାକୁ ଯିବ ନି?'

ସବୁ ନିଜ ନିଜ ଘରକୁ ଗଲେ । କାଳୁଆ ବାଜା ଦଳର ମୁଖିଆ । ଆଠଜଣ ପ୍ରାଣୀ ମିଶି କରିଛନ୍ତି । ହାଡିବାଇଦ ଧରି ତାଳ ଦେଇ ଯେତେବେଳେ ବାଜା ବଜାନ୍ତି ଯେତେ ବୁଢା ପିଲା ସମସ୍ତେ ତାଳ ପକାଇ ପାଦ ମିଶେଇ ନାଚିବାକୁ ବାଧ୍ୟ ହୋଇ ଯାଆନ୍ତି । ଏଇ ନିର୍ବାଚନ ଯୋଗୁଁ ପାଖାପାଖି ଜଣେ ଜଣେ ହଜାରେ ଉପରେ କମେଇ ସାରିଲେଣି । ସୁକେଇ କହୁଥିଲା, ରୂପାଚେନ୍‌ଟେ କରିବ । କାଳୁଆ ତା'କୁ ହଜାରେ ଦେଇଛି, ଆଉ କହିଛି, ଆହୁରି ଦି ଦିନ ଅଛି, ଦେଖିବୁ ଥା, ଆହୁରି ଦି ଚାରି ହଜାର ଆଣିଦେବି ଯେ ରୂପା ନାହିଁ, ସୁନା ଚେନ୍‌ଟେ କରିବୁ ।'

ସକାଳୁ ସକାଳୁ କାଳୁଆ ଡାକ ପକାଇଲା । 'ହଇରେ, ବାଜୁଆ ସବୁ ଯିବନି କି ରେ?'

ସୁକେଇ କହୁଥିଲା, କାଳେ ଆଜି ଓଡିଶା ବନ୍ଦ । ମାଇକ୍‌ରେ କହିକହି ଯାଉଥିଲା । ଆଜି ସବୁ ଯାଅନି । କାଳୁଆ ହସିଦେଇ କହିଲା, 'ବୁଝିଲୁ, ବନ୍ଦଫନ୍ଦ ସବୁ ରାଜନୀତିଆଙ୍କ କାମ । ଆମେ ଗରୀବ ନ ଖଟିଲେ ଖାଇବା କିସ ।'

ସୁକେଇ କହିଲା, 'ଥାଉ ତୋ ଖଟଣୀ । ଆଜି ଘରେ ରହିଯ । କାଲି ଯିବ । ସବୁ ଦୋକାନ ବଜାର ବନ୍ଦ ବୋଲି କହୁଚି ପରା ।' କାଳୁଆ ତା କଥାକୁ ନ ଶୁଣି କହିଲା, 'ବାହରି ପଡ, ଜଲ୍‌ଦି ଯିବା । ଆଉ ଦି'ଟା ଦିନ ।'

ଦଳର ଜଣେ ସଦସ୍ୟ ହେଉଚି, ଗଉର । ସେ କହିଲା, 'ଭାଇନା ଆଜି ଗୁଡା ଅଛି, କଂଗ୍ରେସ୍ ଦଳ ଅଫିସକୁ ଯିବାକୁ ପଡିବ । ସେଇଠୁ ପଟୁଆର ବାହାରି ମୁନ୍‌ସିପାଲ୍‌ଟି ଅଫିସ ଯିବ । ଦି ଘଣ୍ଟାର କାମ । ଟଙ୍କା ଦି ହଜାର ଦେବେ ବୋଲି କହିଛନ୍ତି ।'

ଆଉ ଜଣେ ସଦସ୍ୟ, ଭାଲୁ କହିଲା, 'ଭାଇନା ରାମେୟା ହୋତାର ଲୋକ ଆସି କହିଚ ତା'ଦୁଆରେ ଯାଇ ବାଜା ବଅଜେଇବା ପାଇଁ ।'

କାଳୁଆ ବାଜା ଦଳର ମୁଖିଆ । ଆଠଜଣ ପ୍ରାଣୀ ମିଶି କରିଛନ୍ତି । ହାଡିବାଇଦ ଧରି ତାଳ ଦେଇ ଯେତେବେଳେ ବାଜା ବଜାନ୍ତି ଯେତେ ବୁଢା ପିଲା ସମସ୍ତେ ତାଳ ପକାଇ ପାଦ ମିଶେଇ ନାଚିବାକୁ ବାଧ୍ୟ ହୋଇ ଯାଆନ୍ତି । ଏଇ ନିର୍ବାଚନ ଯୋଗୁଁ ପାଖାପାଖି ଜଣେ ଜଣେ ହଜାରେ ଉପରେ କମେଇ ସାରିଲେଣି । ସୁକେଇ କହୁଥିଲା, ରୂପାଚେନ୍‌ଟେ କରିବ ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
ଇ-ପତ୍ରିକା ଆହ୍ୱାନ
www.aahwaan.com
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କାଳୁଆ କହିଲା, 'କେତେ ଦେବ? ବୋଲି କହିଲା।'

ଭାଲୁ ମୁଣ୍ଡ ତଳକୁକରି କହିଲା, 'ଦେବ କଣ କହୁଚି ଆମ ୱାର୍ଡରେ ରହୁଚ ବୋଇଲେ ମାଗଣାରେ ଆମ ପାଇଁ ବାଜା ବଜେଇବାକୁ ପଡିବ। ନହେଲେ ସାହିକୁ ପାଣି ବନ୍ଦ କରିଦେବ।'

କାଳୁଆ, କହିଲା, 'ଉଁ ତା'ବୋପାର ପାଇପିଟା ଯେ ବନ୍ଦ କରିଦେବ। ଛାଡ ତା'କୁ। କଂଗେର୍ସିଆ ଦି ହଜାର ଦେବେ ବୋଲି କହିଚେନ୍ତି ସେ କଥା କଣ କରିବା କୁହ।'

ଗଉରା କହିଲା, 'ଭାଇନା ଆଜି ସଅଳ ବାହାରି ଯିବାକୁ କହିଚନ୍ତି। ବୋଧହୁଏ ସେଇଠି କ'ଣ ଖାଇବାକୁ ଦେବେ ପରା। ମୋତେ କହିଚନ୍ତି ସକାଳୁ ସକାଳୁ ବାହାରି ଆସିବା ପାଇଁ।'

କାଳୁଆ କହିଲା, 'ସେଇଟା ସତ ଯେ, ଦି ଘଣ୍ଟା ଯଦି ଆମେ କଂଗ୍ରେସିଆଙ୍କ ଘରେ ଜଗିବା ସିଆଡେ ଆହୁରି ପାର୍ଟି ଫିଟିଯିବେନି କି? ସେ କମେଇଟା ଯିବ ଯେ।' ସମସ୍ତେ ମୁଣ୍ଡ ହଲେଇ ହଁ ଭରିଲେ। ସେଇଠୁ କଥା ହେଲା ଯେ ଆଠଜଣ ଯାକ ଏକାଠି ନ ରହି ଅଧା କଂଗ୍ରେସିଆଙ୍କ ପଟୁଆରରେ ଯିବେ ଆଉ ଅଧା ମୁନ୍‌ସିପାଲ ଅଫିସ ଆଗରେ ଅପେକ୍ଷା କରିବେ। ଯେହେତୁ କଂଗ୍ରେସିଆ ଅଧିକ ଟଙ୍କା ଦେବେ ବୋଲି କହିଛନ୍ତି, ତେଣୁ ସବୁଠୁ ଭଲ ବାଇଦ ବଜେଇବା ପାଇଁ କାଳୁଆ ସହିତ ଆଉ ତିନି ଜଣ ଗଲେ।

ଦିନ ଆସି ବାର ହେଲାଣି, କୋଉଠି କିଏ ଦିଶୁନାହାନ୍ତି। କଂଗ୍ରେସିଆ ଖାଲି କହୁଛନ୍ତି, 'ଥୟ୍ ଧର, ଏବେ ବାବୁ ଆସୁଛନ୍ତି, ପଟୁଆର ବାହାରିବ।' କାଳୁଆ ଗଉରା ମୁହଁକୁ ଚାହୁଁଛି। ତେଣେ ଫୋନ୍‌ରେ ବାବୁ କାହାକୁ କହୁଛନ୍ତି, 'ତୁ ଆଉ ଦଶଟା ଲୋକ ଜୋଗାଡ କରିଦେ ଆମେ ବାହାରି ପଡିବା। ଦେଖିବା ସେମାନଙ୍କ କେତେ ବହପ। ଶଃ ଜେଲ୍‌ରେ ନ ପକାଇଲେ ସେମାନଙ୍କ ବୁଦ୍ଧି ଆସିବନି।'

ଜଣେ କିଏ ଧାଇଁ ଧାଇଁ ଆସି କହିଲା, 'ଆଜ୍ଞା, ପୋଲିସ ଗାଡି ଆସୁଛି। କହୁଛନ୍ତି ପଟୁଆର ହେଇ ପାରିବନି। ସହରରେ କର୍ଫ୍ୟୁ ଲାଗିଛି। କାହାକୁ ଗୋଟେ ମାରିଦେଇଛନ୍ତି ଆଜ୍ଞା।'

ବାବୁ କହିଲେ, 'ହଁ ହଁ ଜାଣିଛି। ମୋତେ ଫୋନ୍ ଆସିଥିଲା। ତୁ ଚିନ୍ତା କରନ୍ତି, ଆମକୁ କେହି ଅଟକାଇ ପାରିବନି। ତୁ ଧାଁ ଦେଖେ ସେ ଇଲେକ୍ସନ ଅଫିସର ଯେମିତି ଘରକୁ ନ ଯାଏ।'

କାଳୁଆ ମୁହଁ ଶୁଖିଗଲାଣି, ତେଣେ ଦଳେ ମୁନ୍‌ସିପାଲ୍ ଅଫିସ ଯାଇଛନ୍ତି, ସେମାନେ କଣ କଲେ ନ କଲେ କିଛି ଖବର ନାହିଁ। କାଳୁଆ ଗଉରା କାନରେ କହିଲା, 'ଚା' ଆମେ ପଳେଇବା। ଏମାନେ ବାହାରିଲା ଭଳିଆ ଦୁଶୁନାହାନ୍ତି। ଚାଲେ ମୁନ୍‌ସିପାଲ୍ ଅଫିସିକି ଯିବା, ସେଇଠି ଦେଖିବା କ'ଣ ମିଳିବ।' ଗଉରା ମୁଣ୍ଡ ଟୁଙ୍ଗାରି ଉଠୁ ଥିଲା ଯିବାପାଇଁ ବାବୁ ଚିଲ୍ଲେଇ ଉଠିଲେ କହିଲେ, 'ରୁହ, କୁଆଡେ ଯାଉଛ?'

କାଳୁଆ କହିଲା, 'ଆଜ୍ଞା ମୁନ୍‌ସିପାଲ୍ ଅଫିସ ଯିବୁ। ସେଇଠି ଆମ ସାହିଭାଇ ଆଉ କେତେଜଣ ଅଛେନ୍ତି, ସେଇଠି ବସି ଜଗିବୁ, କିଏ ଯଦି ଆସିଲା, ଦି ପଇସା ମିଳିବ।' ବାବୁ ଭାରୀ ବିଗିଡି ଯାଇ ଚିଲ୍ଲେଇବାକୁ ଆରମ୍ଭ କରୁଥିଲେ ହଠାତ୍ ଫୋନ୍ ଆସିଲାରୁ ସେ ଭିତରକୁ ଚାଲିଗଲେ, ଏଇ ମଉକାରେ କାଳୁଆ ଆଉ ତା ଦଳ ସେଇଠୁ ବାଆରି ପଡିଲେ। ବାଟରେ ଦେଖିଲେ ସବୁ ଦୋକାନ ବଜାର ବନ୍ଦ। କାଁ ଭାଁ ଗୋଟେ ଯୋଡେ ଗାଡି ଦିଶୁଛି। ଯେ୍ ଦଳ ଚାଲି ଚାଲି ଯାଉଥିଲେ। ଆଗରୁ ସାଇରନ୍ ବଜେଇ ପୋଲିସ ଗାଡିଟେ ଆସି

କାଳୁଆ କହିଲା, 'ସେଇଟା ସତ ଯେ, ଦି ଘଣ୍ଟା ଯଦି ଆମେ କଂଗ୍ରେସିଆଙ୍କ ଘରେ ଜଗିବା ସିଆଡେ ଆହୁରି ପାର୍ଟି ଫିଟିଯିବେନି କି? ସେ କମେଇଟା ଯିବ ଯେ।' ସମସ୍ତେ ମୁଣ୍ଡ ହଲେଇ ହଁ ଭରିଲେ। ସେଇଠୁ କଥା ହେଲା ଯେ ଆଠଜଣ ଯାକ ଏକାଠି ନ ରହି ଅଧା କଂଗ୍ରେସିଆଙ୍କ ପଟୁଆରରେ ଯିବେ ଆଉ ଅଧା ମୁନ୍‌ସିପାଲ ଅଫିସ ଆଗରେ ଅପେକ୍ଷା କରିବେ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଅଟକିଗଲା। ଧଡ ଧାଡ କରି ଗାଡିରୁ ଦି ହଳ କନେଷ୍ଟବଳ ଓହ୍ଲେଇ ପଡିଲେ। ଦଳକୁ ଧରି କହିଲେ, 'କିରେ ତମେ ସବୁ କିଏ? ଏମିତି ଦଳହେଇ କୁଆଡେ ଯାଉଚ?'

କାଳୁଆ ଆଗକୁ ଆସି କହିଲା, 'ଆମେ ଆଜ୍ଞା ବାଇଦ ବାଲା। ବାଜା ବଜେଇବା ପାଇଁ ମୁନ୍‌ସିପାଲ୍ ଅଫିସ ଯାଉଚୁ। ଫାରମ ପକାଇବାକୁ ପାଟି ଆଇଲେ ଆମେ ଦି ପଇସା ପାଇବୁ ବୋଲି ଯାଉଚୁ।'

ଗାଡି ଭିତରେ ବସି ବଡଥାନା ବାବୁ ଗରଗର ହେଇକହିଲେ, 'ଆଜି ଓଡିଶା ବନ୍ଦ ବୋଲି ଜାଣିଚ କି ନାହିଁ। କର୍ଫ୍ୟୁ ଚାଲିଛି, ତୁମେ ସବୁ କାହିଁକି ଘରୁ ବାହାରିଲ।' ଟିକେ ଅଟକି ଯାଇ କହିଲେ, 'ଏ ଚାରିଟାକୁ ଗାଡିରେ ପକାଅ ଥାନାକୁ ନିଅ।' ବାସ ପଛରେ ଆସୁଥିବା ପୋଲିସ ଟ୍ରକରେ ସେଇ ଚାରିଜଣକୁ ଲଦାହେଲାବେଳକୁ କାଳୁଆ ଦେଖିଲା ତା ଦଳର ଆଉ ଚାରିଜଣ ବି ସେଇଠି ଭର୍ତ୍ତି। ସବୁ କାନମୁଣ୍ଡ ଆଉଁସି ବସିଲେ।

ଥାନା ପାଖରେ ଗାଡିରୁ ଓହ୍ଲେଇ ଥାନା ଭିତର ହାଜତରେ ନେଇ ଆଠଜଣଙ୍କୁ ଠେଲି ଦେଇ କନେଷ୍ଟବଳ ଗେଟ୍ ପକାଇ ଦେଲା। ଦିନ ସାରା ଏମିତି ଦଳ ଦଳ ହେଇ କେତେ ଲୋକ ଆସିଲେ। ସବୁ ସେଇ ଛୋଟ ହାଜତ ଭିତରେ ବନ୍ଦ। ସଞ୍ଜବେଳକୁ ହାଜତରେ ଆଉ ବସିବାକୁ ଜାଗା ନାହିଁ। ପାଞ୍ଚଟା ବେଳକୁ ବଡବାବୁ କହିଲେ, 'ଛାଡି ଦେ ସମସ୍ତଙ୍କୁ।' କନେଷ୍ଟବଳ ଯାଇ ହାଜତ ଖୋଲିବାକୁ ଆରମ୍ଭ କରୁଥିଲା, ହଠାତ୍ ଥାନାବାବୁ କହିଲେ, 'ରହି ଯା। ଟିକେ ରହିଯା। ଆଜି ସକାଳେ ଯୋଉ ବାଜା ବାଜୁଆଙ୍କୁ ଧରିଥିଲୁ ସେମାନଙ୍କୁ ରହିବାକୁ କହି ସମସ୍ତଙ୍କୁ ଛାଡି ଦେ।'

ସକାଳୁ କିଛି ନ ଖାଇ ନ ପିଇ ପେଟ ଜଳୁଥିଲା। କାଳୁଆ କହିଲା, 'ବାବୁ ବୋଧହୁଏ ବାଜା ଶୁଣିବେ।' ହାଜତ ଭିତରେ ସେମାନେ ବସିଚନ୍ତି। ଥାନା ବାରଣ୍ଡାରେ ସୁକେଇ ଆଉ ସାହି ପିଲେ ଜମା ହେଇଗଲେଣି। ଜଣେ ଜଣେ କରି ସବୁ ବାହାରି ଚାଲିଗଲେ। ସୁକେଇ ଥାନା ବାରଣ୍ଡାରେ ଥାଇ ଦେଖୁଚି। ହାଜତ ଭିତରେ କାଳୁଆ ଦଳ ଧରି ବସିଛି। ବଡ ବାବୁ କାହାକୁ ଫୋନ୍ କରି କହୁଛନ୍ତି, 'ସାର୍, କେତେ ଟା ନକ୍ସଲ ଧରିଲେ? ନ ଧରିଛନ୍ତି ଯଦି ଚିନ୍ତା କରନ୍ତୁ ନି। ହାଜତ ଭିତରେ ଆଠଟାକୁ ଧରିଚି, ନକ୍ସଲ କହି ଦେଖେଇ ଦେବା?'

'ନକ୍ସଲ' ଶୁଣି କାଳୁଆର ଦେହରୁ ଝାଳ ବାହାରି ଗଲା। ସେ ଚିଲ୍ଲେଇ ଚିଲ୍ଲେଇ କହିଲା, 'ନାଇଁ ଆଜ୍ଞା, ମୁଁ ନକ୍ସଲ ନାଇଁ, ମୋ ସାହିଭାଇ କେହି ବି ନକ୍ସଲ ନୁହନ୍ତି। ଆମେ ସବୁ ବାଜାବାଲା ଆଜ୍ଞା। ଆମକୁ ଛାଡି ଦିଅ। ବଡବାବୁ କିଛି ଶୁଣିଲେନି। ଗାଡି ବାହାର କରି ପଳେଇଗଲେ। ଥାନାବାରଣ୍ଡାରେ ବସି ସୁକେଇ ଆଉ ସାହିପିଲେ କାନ୍ଦବୋବା କଲେଣି। ସଞ୍ଜ ପାଞ୍ଚଟା ବେଳୁ ବନ୍ଦ ସରିଲାଣି। ଥାନା ବାରଣ୍ଡା ଅନ୍ଧାର ହେଇ ରାତି ନ'ଟା ହେଲାଣି। ସାହି ପିଲେ ସବୁ ପିଣ୍ଡାରେ ବସିଚନ୍ତି।

ତଳପଡା ବସ୍ତିର ୱାର୍ଡ ୧୮ ନମ୍ବରର ୱାର୍ଡ ମେମ୍ବର 'ରାମେୟା ହୋତା' ଆସି ପହଞ୍ଚିଗଲେ। ସାଙ୍ଗେ ସାଙ୍ଗେ ଆଉ ଦଶବାର ଲୋକ ସାଥିରେ ଗହଳି ହୋଇଗଲେ। ଚାଲିଲା ଗହଳି। ଥାନାବାବୁ ଭିତରେ ଥାଇ ସବୁ ଦେଖୁଥାଆନ୍ତି, ଆଉ କାହା ସହିତ ଫୋନରେ ବାରମ୍ବାର କଥା ହେଉଥାଆନ୍ତି। ସାହି ପିଲାଙ୍କୁ

'ନକ୍ସଲ' ଶୁଣି କାଳୁଆର ଦେହରୁ ଝାଳ ବାହାରି ଗଲା । ସେ ଚିଲ୍ଲେଇ ଚିଲ୍ଲେଇ କହିଲା, 'ନାଇଁ ଆଜ୍ଞା, ମୁଁ ନକ୍ସଲ ନାଇଁ, ମୋ ସାହିଭାଇ କେହି ବି ନକ୍ସଲ ନୁହନ୍ତି । ଆମେ ସବୁ ବାଜାବାଲା ଆଜ୍ଞା । ଆମକୁ ଛାଡି ଦିଅ । ବଡବାବୁ କିଛି ଶୁଣିଲେନି । ଗାଡି ବାହାର କରି ପଳେଇଗଲେ । ଥାନାବାରଣ୍ଡାରେ ବସି ସୁକେଇ ଆଉ ସାହିପିଲେ କାନ୍ଦବୋବା କଲେଣି ।

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ରାମେୟା ଭରସା ଦେଉଛି, କହିଲା ଯଦି ମୋ ଦଳକୁ ଭୋଟ ଦେବ ବୋଇଲେ ସମସ୍ତଙ୍କୁ ଫିଟେଇ ଆଣିବି। ଆଖିବୁଜି ସମସ୍ତେ ହଁ ଭରିଲେ। ଥାନା ଭିତରକୁ ପଶିଯାଇ, ରାମେୟା ଥାନାବାବୁଙ୍କ କାନରେ କଣ କଣ ସବୁ କହିଲା। ବାବୁ ମୁଣ୍ଡ ଟୁଙ୍ଗାରିଲେ। ବାହାରକୁ ଆସି ରାମେୟା କହିଲା, 'ଥାନାବାବୁ କେସ୍ ଲେଖି ଦେଲେଣି, ଏବେ ଆଉ କିଛି ହେବନି। ଏବେ ଓକିଲ ଆସିଲେ କୋର୍ଟ କଚେରୀ ହେବ ଯାଇ କି ସେମାନେ ଫିଟିବେ।'

ସାହିବାସିନ୍ଦାଙ୍କ କାନ୍ଦ ବୋବାଳି ବଡିଚାଲିଚି। ଥାନା କନେଷ୍ଟବଳ ଆସି କହୁଛି, ବାହାରକୁ ଯାଇ କାନ୍ଦ। ଏଇଠି କାନ୍ଦିଲେ ବାବୁ ବିରକ୍ତ ହେବେ ଆଉ ନକ୍ସଲ କେସରେ ପକେଇ ଦେବେ। ଏଇ ସମୟରେ ସୁକେଇ କାନ୍ଦି କାନ୍ଦି କହିଲା, ଆଜ୍ଞା କାଳୁଆକୁ ଛାଡିଦିଅ। ସବୁ କାନ୍ଦବୋବାଳି ଭିତରେ କନେଷ୍ଟବଳ ଆସି ରାମେୟାକୁ କିଛି କହିଦେଇ ଗଲା। ରାମେୟା ସବୁ ସାହିଭାଇଙ୍କୁ ଥାନା ଭିତରୁ ବାହାରକୁ ଆସିବାକୁ କହିଲା। ବାହାରକୁ ଆସିଲାପରେ କହିଲା, 'ଥାନାବାବୁ କହୁଛନ୍ତି ଚାଳିଶି ହଜାର ଦେଲେ ସେମାନଙ୍କୁ ଛାଡିବେ।' ସମସ୍ତଙ୍କ ତଣ୍ଟି ଶୁଖିଗଲା। ରାମେୟା କହିଲା, 'ଶୁଣ ଚିନ୍ତାକରିବା ର କିଛି ନାହିଁ ଯଦି ତୁମେ ସବୁ ମୋତେ ଭୋଟ ଦେବ ଆଉ ମୋ ପାଇଁ ପ୍ରଚାର କରିବ ବୋଲି କଥାଦେଉଚ କହିଲେ ମୁଁ ସେ ଟଙ୍କା ଯୋଗାଡ କରିଦେବି।' ସବୁ ହଁ ଭରିଲେ।

ରାତି ସାଢେ ଦଶଟା ବେଳକୁ କାଳୁଆ ଆଉ ତା' ଦଳକୁ ଥାନା ବାହାରକୁ ଛାଡି ଦିଆଗଲା।

ପରଦିନ ସକାଳୁ ପୁଣି ଥରେ କାଳୁଆ ଆଉ ତା' ଦଳ ବାହାରି ପଡିଲେ କାମରେ, ଏ ଥର ରାମେୟା ହୋତା ଦୁଆରେ ମାଗଣାରେ ବାଜା ବଜାଉଥିବାର ଦେଖାଯାଇଥିଲା।

## ଟେଲିଗ୍ରାମ୍

ଦିପହର ବେଳକୁ ପଖାଳ ପକାଇ ଯେ ଯା'ର ପିଣ୍ଡାରେ ଶୋଇଥିବା ବେଳେ ଜଗା ବୋଉର ବିକଟାଳ କାନ୍ଦ ଶୁଣି ସବୁ ଚମକି ପଡିଲେ। ଆଠଶ' ପାଖାପାଖି ଜନସଂଖ୍ୟା ବିଶିଷ୍ଟ ଏହି ଛୋଟ ଗାଁରେ ଯାହା ବି ଘଟଣା ଘଟେ ସବୁ କେହି କାହାକୁ ଅଛପା ହୋଇ ରହେ ନାହିଁ। ଜଗା ବୋଉର କାନ୍ଦ ଶୁଣି କାଛି ସେପାଖରୁ ଉଲାବୋଉ କହିଲା, 'ଆଲୋ କିସ ହେଲା, ଏତେ ରଡି ଛାଡି ଗାଁ କାଇଁକି କଂପଉଚୁ?' ଥର ଥର ହାତରେ ଜଗାବୋଉ ଧରିଥିବା ଟେଲିଗ୍ରାମ୍‌ଟି ଦେଖାଇଲା। ଉଲାବୋଉ କିଛି ବୁଝିନପାରି କହିଲା, 'ଆଲୋ ଏତା କିସ ବା?' ଜଗାବୋଉର କଣ୍ଠରୁ ଶବ୍ଦ ବାହାରୁ ନଥିଲା କହିଲା, 'ତାର ଆଇଚି।' 'ଏଁ କହି ଉଲାବୋଉ ଆଁ ଟା କରି ଅନେଇ ରହିଲା। ଆଉ ସାଙ୍ଗେ ସାଙ୍ଗେ ସେଇଠୁ ପଳାଇଲା। ସଞ୍ଜ ନ ହେଉଣୁ ସାରା ଗାଁ ଜାଣି ସାରିଥିଲା ଜଗାବୋଉକୁ ତାର ମିଳିଛି।

ଜଗା ବୋଉର କାନ୍ଦ ଶୁଣି କାଛି ସେପାଖରୁ ଉଲାବୋଉ କହିଲା, 'ଆଲୋ କିସ ହେଲା, ଏତେ ରଡି ଛାଡି ଗାଁ କାଇଁକି କଂପଉଚୁ?' ଥର ଥର ହାତରେ ଜଗାବୋଉ ଧରିଥିବା ଟେଲିଗ୍ରାମ୍‌ଟି ଦେଖାଇଲା। । ଉଲାବୋଉ କିଛି ବୁଝିନପାରି କହିଲା, 'ଆଲୋ ଏତା କିସ ବା?' ଜଗାବୋଉର କଣ୍ଠରୁ ଶବ୍ଦ ବାହାରୁ ନଥିଲା କହିଲା, 'ତାର ଆଇଚି।'

'ମୁହଁରେ ନିଆଁ ସେ ପୋଷ୍ଟପିଉନ୍‌କୁ କହିଲି, କିସ ଲେଖା ହେଇଚି ଟିକେ ପଡିଦେନ୍ତୁ ନି, ଚଣ୍ଡାଳଟା ମୋତେ କଟ ମଟ କରି ଚାହିଁଲା ଆଉ ପଳାଇଲା।' ଦୁଆରେ ବସି ଦୁଃଖ ବଖାଣୁଥିଲା ଜଗାବୋଉ। ସାହିମାଇପେ ସବୁ ଏକାଠି ବସି ତା'ମୁହଁକୁ ଚାହିଁଥାଆନ୍ତି। ଉଲାବୋଉ କହିଲା, 'କିସ କଇବିଲୋ ମା' ଯେମିତି ସେ ଟେଲିଗିରାମ୍ ଦେଖିଚି, ମୋର ତ ମୁହଁ ବୁଲେଇ ଦେଲା ଯେ ତଳେ କଚାଡି ହେଇ ପଡିଲି।'

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ନିଃଶୁଳ୍କ ପ୍ରସାରଣ ନିମିତ୍ତ

ଇ-ପତ୍ରିକା ଆହ୍ୱାନ

ସେପ୍ଟେମ୍ବର ୨୦୦୮ ସଂସ୍କରଣ

www.aahwaan.com ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଓଡଣାତଳୁ ଜୁଳୁଜୁଳିଆ ଆଖିରେ ଚାହିଁଥିଲା ମହାନ୍ତିଘର ନୂଆବୋହୁଟା, କହିଲା, 'ପଡିଦେଉନ ସେଥିରେ କିସ ଲେଖା ହେଇଚି?' ସଭେଁତେ ତାକୁ ଆଁ କରି ଚାହିଁଲେ, ଶାଶୁତା'ର କହିଲା, 'ଥା'ଲୋ ଚଣ୍ଡୀ ତୁ କେତେ ପାଠ ପଡା ଦେଖେଇ ହଉଚୁ ଦେଖିବା। ତୋ'ନାଁରେ ଟେଲିଗିରାମ ଆସୁ ଦେଖିବୁ, ଫାଁ କରି ଯଦି ମୂର୍ଚ୍ଛା ଯାଇନୁ ବୋଇଲେ ମୋ ନାଁ ନାଇଁ।' ସବୁ ଖାଲି ବସିଚନ୍ତି, ଚର୍ଚ୍ଚା ଚାଲିଛି। ଗାଁ ମଣ୍ଡପ ଉପରେ ଜଗାବାପା ବସି ଗାଁ ଭେଣ୍ଡାଦିଣ୍ଡା ମାନଙ୍କୁ କାହାଣୀ ଶୁଣଉଚି। ଦଣ୍ଡୁ କହିଲା, 'ଆଉ କକା କିସ କରିବା। ଏବେ ସେ ଗିରାମଟା କୋଉଠି ରଖିଚ?' ଜଗାବାପା କହୁଚି, ପୂଜା ଘର କାନ୍ଥରେ ଓଳଣାରେ ନାଲିକନାଟେ ପକେଇ ରଖିଦେଇଚି, ପୁରୋହିତଙ୍କୁ ପଚାରିଥିଲି, କହିଲେ ଦି'ଟା ଶୁଦ୍ଧ ସୁବର୍ନ୍ନ ଅରୁଆ ଚାଉଳ, ଚିମୁଟାଏ ହଳଦୀ ଗୁଣ୍ଡ ଦେଇ ରଖିଦେ। ବାସ ରଖି ଦେଇଚି। ଦେଖିବା ଯାହା ଭାଗ୍ୟରେ ଥିବ।' ସବୁ ଉଠିଲେ ଯେ ଯା ଘରକୁ ଯିବେ। ସଞ୍ଜ ସାତଟା ହେଲାଣି, ଖାଇପିଇ ଶୋଇଲେ ସକାଳୁ କାମଧାମରେ ମାତିବେ।

ଦୁତିଅ ଦିନବେଳ ଓଡୁକୁ ଗାଁ ଦାଣ୍ଡରେ ସଭାପଡିଲା। କିସ କରିବା ଦି ଦିନ ହେଇଗଲା, ଟେଲିଗିରାମ୍ ଆସିଲା ପରଠୁଁ ଗାଁରେ କିଛି ଅଘଟଣ ଘଟିନି। ହେଲେ କିଏ ଜାଣିଛି କିସ ହେବ। ଏମିତି ସଭା ଚାଲିଥିଲା ବେଳକୁ ହଠାତ୍ ବଳିଆ ଓଡିଆର ବଳଦ ଦଉଡି ଆସି ଦି ତିନିଜଣକୁ ଚକୁଡି ଦେଇ ପଳାଇଲା। ଗାଁ ଲୋକଙ୍କର ଆଉ ସନ୍ଦେହ ନଥିଲା, ଏ ଟେଲିଗ୍ରାମ୍ଟା ଅଶୁଭ ବୋଲି ଘୋଷଣା ହେଇଗଲା। ହେଲେ ଗାଁରେ ପଡିଲାବାଲା କିଏ ନାହାନ୍ତି, ଥିଲେ ସିନା କିଛି ଜଣାପଡନ୍ତା। ବାମୁଣଘର ବଡପୁଅ ମିଲିଟିରିରେ ଅଛି, ଗାଁକୁ ଆସିଥିଲା, ତା'କୁ ସବୁ ମିଶି କହିଲେ, ଟେଲିଗିରାମ୍ଟା ପଡିବା ପାଇଁ, ସେ ବି ରାଜିଥିଲା, ହେଲେ ତା'ବାପାବୋଉ ରାଣ ନିୟମ କରି ପଡେଇ ଦେଲେନି। କଥାଟା ଅସମ୍ଭାଳ ହେଲାଣି। କଣ କରାଯିବ। ସେଇଠୁ ନିଷ୍ପତ୍ତି ହେଲା ଯେ, ଟେଲିଗ୍ରାମକୁ ଧରି ପାଖ ଗାଁରେ ରହୁଥିବା ମାଷ୍ଟ୍ରଘରକୁ ଯିବା, ସେଇଠୁ ମାଷ୍ଟ୍ରେ ପଡିବେ।

ସକାଳୁ ସକାଳୁ ଘରୁ ବାହାରିଲା, ଜଗାବାପା। ଘରୁବାହାରିଲା ବେଳକୁ ଜଗାବୋଉ କାନ୍ଦି କାନ୍ଦି ନୟାନ୍ତ ହେଲାଣି। ଚେତା ପଳାଉଚି। ଉଲାବାପା ସାଙ୍ଗରେ ଯିବାପାଇଁ ବାହାରିଲା, ହେଲେ ଉଲାବୋଉ ପଛରୁ ହାତ ଟାଣି ଭିତରକୁ ନେଇଗଲା। ପୁରୋହିତଘର ପୁଅ ସାଥିରେ ଯିବାପାଇଁ ରାଜି ହେଲା। ବାଟସାରା ମନ୍ତ୍ରବୋଲି ବୋଲି ଚାଲିଲା। ଗାଁ ଦାଣ୍ଡରେ ଜଗାବାପା ଟେଲିଗିରାମ ଧରି ଚାଲୁଥିଲା, ହୁଳୁହୁଳି ଆଉ ହରିବୋଲରେ ଗାଁ ଦାଣ୍ଡ କଂପିଲା। ପୁରୋହିତଘର ମା' ଦୁଆରେ ଦୀପ ଲଗେଇ ବସିଲା। ଅଧବାଟ ଯାଇଛନ୍ତି କି ନାହିଁ, କୁଆଡେ ଥିଲା କଳାହାଣ୍ଡିଆ ମେଘ ଘୋଟି ଆସିଲା, ଯୋଉ ଡେଲା ଭଳିଆ ଟୋପା ପଡିଲା, ଜଗାବାପା ଆଉ ପୁରୋହିତ ଟୋକା ଦି ଲୋକ ଗଛ ତଳେ ଠିଆ ହେଲେ ସୁଧା ଓଦା ହେଇଗଲେ। ଏଣେ ଗାଁରେ ଭାଳେଣୀ ପଡିଲା। ବର୍ଷା ଛାଡିବାର ନାଁ ନେଉନି। ଅଣ୍ଟାତଳେ ଟେଲିଗିରାମ୍କୁ ଖୋସିଦେଇ ବରଗଛତଳେ ଠିଆହୋଇଥିଲା ଜଗାବାପା, ବୟସ ଡଳିଲାଣି, ଅଣ୍ଟାଟା ଟିକେ ବଥା କଲା, ସେ ଏଇ କଥା କହିଲା ପରେ ପୁରୋହିତ ପୁଅ କହିଲା, ସେଇ ଟେଲିଗିରାମ୍ ଯୋଗୁଁ ତୋ ଅଣ୍ଟା କାଟିଲା, ଏବେ ମୁଁ ଏଇଠେ ରହିଲେ ମୋତେ ବି ଖାଇବ କହି ସେ ତିରିକି ମାରି ଗାଁ ଆଡକୁ ଧାଇଁଲା।

ଘରୁବାହାରିଲା ବେଳକୁ ଜଗାବୋଉ କାନ୍ଦି କାନ୍ଦି ନୟାନ୍ତ ହେଲାଣି। ଚେତା ପଳାଉଚି। ଉଲାବାପା ସାଙ୍ଗରେ ଯିବାପାଇଁ ବାହାରିଲା, ହେଲେ ଉଲାବୋଉ ପଛରୁ ହାତ ଟାଣି ଭିତରକୁ ନେଇଗଲା। ପୁରୋହିତଘର ପୁଅ ସାଥିରେ ଯିବାପାଇଁ ରାଜି ହେଲା। ବାଟସାରା ମନ୍ତ୍ରବୋଲି ବୋଲି ଚାଲିଲା। ଗାଁ ଦାଣ୍ଡରେ ଜଗାବାପା ଟେଲିଗିରାମ ଧରି ଚାଲୁଥିଲା, ହୁଳୁହୁଳି ଆଉ ହରିବୋଲରେ ଗାଁ ଦାଣ୍ଡ କଂପିଲା।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବର୍ଷା କମିଲା ନାଇଁ, ଅଗତ୍ୟା ଜଗାବାପାର ଅଣ୍ଟା ଧରିଲା ବୋଲି ଗଛ ଛାଇରେ ବସିପଡିଲା। ଏଣେ ଗାଁରେ ସବୁ ଲୋକ ଦୁଆରେ ବସି ଅପେକ୍ଷା କରିଥିଲେ। ପୁରୋହିତ ପୁଅ ଦଉଡି ଦଉଡି ଆସି ଫାଁ କରି ପଡିଗଲା, ତା'କୁ ଦେଖି ସବୁଲୋକ ଦଉଡି ଯାଉଥିଲେ, ପାଳବୁଡା କହିଲା, ତା'କୁ କିଏ ଛୁଇଁବନି, ସିଏ ଟେଲିଗିରାମ୍ ଛୁଇଁଥିବ। ବଡ ପୁରୋହିତେ ଆସି ମନ୍ତ୍ରପାଣି ଛିଞ୍ଚିଦେଇ ସାନ ପୁରୋହିତଙ୍କୁ ସାଷ୍ଟାଙ୍ଗ କଲେ। ବରଗଛ ଛାଇରେ ଠିଆହୋଇ ଅଣ୍ଟାଧରି ଜଗାବାପା ଗାଁ ଆଡକୁ ଆସିଲା। ଜଗାବାପାକୁ ଦେଖି ଜଗାବୋଉ ଖୁସିରେ କାନ୍ଦିପକାଇଲା।

ସନ୍ଧ୍ୟା ହେଉ ହେଉ ପୁଣିଗାଁରେ ଭାଳେଣୀ ପଡିଲା। ବର୍ଷାଛାଡିବା ନାଁ ନେଉନଥାଏ। ଅଦିନିଆ ବର୍ଷା, ଝଡି ଲାଗିଛି। ପାଳବୁଡା କହିଲା, 'ଇଏ ସବୁ ସେଇ ତେଲିଗିରାମ୍ ପେଇଁ ହଉଚି ନା। ନଇଲେ ଏ ଖରାଦିନେ କି ବର୍ଷା। ପୁଣି ଝଡି।' ବିଜୁଳିଟେ ଯେମିତି ମାରିଚି, ସେ କହିଲା, 'ଦେଖିଲ, ମୁଁ କଉଚି ପରା।' ସବୁ ଶୋଇବାକୁ ଗଲେଣି। ଜଗାବାପା ଟେଲିଗିରାମ୍‌କୁ ଥୋଇଦେଇ ଅନେଇ ବସିଚି। ଦିଟା ଘର ଛାଡି ଦିଗିତଘର ପୁଅକୁ କଂପଦେଇ ଜ୍ୱର ଆସିଲା। ଝଡିବର୍ଷାରେ କିଏ ଯିବ ତା'କୁ ଧରି, ଦି କୋଶ ଗଲେ ତ କଂପାଣ୍ଡର ମିଳିବ। ତଲାରିଟେ ପକେଇ ସେ ପିଲାକୁ କାନ୍ଧରେ ପକେଇ ବାହାରି ପଡିଲା। ଜଗା ଘର ସାମନାରେ ଠିଆ ହେଇ କହିଲା, 'ହଇରେ ହରିଆ। ଆଉ କେତେଦିନ ସେ ଗିରମ୍ ରଖିବୁ ଘରେ, ଦେଖେ ଆଜି ମୋ ପିଲାକୁ ଖାଇବାକୁ ବସିଲାଣି। କାଲି ଜଗାକୁ ଖାଇବ।'

ଜଗାବାପା ସ୍ତ୍ରୀର ମୁହଁକୁ ଚାହିଁଚି। ଜଗାବୋଉ କହିଲା, 'କିସ କରିବା। ସବୁ କହିଲେଣି, ଯେତେବେଳେ ତେଲିଗିରାମ୍‌କୁ ଘରେ ରଖିବାକୁ ଶୁଭ ହେବନି। ମାତର ସେଥିରେ କିସ ଲେଖା ହେଇଚି, କିଛି ଜାଣିନ, କଣ କରାଯିବ? ତୁମେ ଟିକେ ସକାଳୁ ସକାଳୁ ଧାମପୁର କରଣ ଘରକୁ ଯାଆନ୍ତନି? ସିଏ ଭାରି ସିଆଣି ଲୋକ। ପଡିଦେବେ।' ଜଗାବାପା ଲମ୍ବାଶ୍ୱାସଟେ ମାରିଦେଇ କହିଲା, 'ଯାଆନ୍ତି ଯେ, ଦେଖୁଚୁ ପରା ଆଜି ଯାଇଥିଲି ତ। ଅଣ୍ଟାକୁ ଏମିତି ଧରିଲା ଯେ ଏତେବେଳ ଯାଏଁ ଅଣ୍ଟା ସିଧା ହେଉନି।' ବୁଡାବୁଡୀ ଶୋଇବାକୁ ଗଲେ।

ଟେଲିଗିରାମ୍ ଆସିବାର ପାଞ୍ଚଦିନ ହେଲାଣି। ଗାଁରେ ଭାରୀ ଅସନ୍ତୋଷ ଲାଗିଚି। କିଏ ବି ଶାନ୍ତିରେ ନାହାନ୍ତି। ଦିଗିତଘର ପିଲାକୁ କିସ ମେଲେରିଆ ହେଇଚି ବୋଲି ଡାକ୍ତର କହିଥିଲେ, ହେଲେ ସେ ମାନିଲା ନି, କହିଲା ଦୃଷ୍ଟି ହେଇଚି। ଓଷବିଷ ନ ଖୁଆଇ, ସୋମାଧୋବା ପାଖରେ ନେଇ ଝଡାଫୁଙ୍କା କଲା, ମାତ୍ର ଦେହ ଭଲ ହେଲାନି। ଅଗତ୍ୟା ଓଷ ଖୁଆଇବା ଆରମ୍ଭ କଲା। ଏବେ ପିଲାଟା କିଛି ଖାଉନି, ଖାଲି ବାନ୍ତି କରୁଛି। କଂପାଣ୍ଡର ପାଖକୁ ଗଲେ ଦି କୋଡି ଚାରି କୋଡି ଖରଚ। ଜଗାବାପା ଦିଗିତକୁ ହାତରେ ଦଶଟା ଟଙ୍କାନେଇ ଦେଇ ଆସିଲା। କହିଲା, 'ବାବୁରେ ଏଇ ଦଶଟା ଟଙ୍କାନେଇଥା, କିସ ଓଷ ବିଷ ଲାଗୁଛି କରେ।' ଅନିଚ୍ଛାସତ୍ତ୍ୱେ ଦିଗିତ ସ୍ତ୍ରୀ ହାତରେ ଟଙ୍କାଟା ରଖେଇ ଦେଲା। ବର୍ଷାଛାଡି ଗଲାଣି। ପାଗ ଶୁଖିଲା ହେଲାଣି। ଆଉ କିଛି ବି ଅଘଟଣ ଘଟିନି। ତେଲିଗିରାମ୍ କଥା ବି ସବୁ ବନ୍ଦ ହେଲାଣି।

ଆଜି କୁ ଛ'ଅ ଦିନ ହେଲାଣି। ତେଲିଗିରାମ୍‌ର ଭୁତ କିଛି ଅଘଟଣ କରୁନି ବୋଲି ସବୁ ଶାନ୍ତିରେ

ପାଳବୁଢା କହିଲା, 'ଇଏ ସବୁ ସେଇ ତେଲିଗିରାମ୍ ପେଇଁ ହଉଚି ନା। ନଇଲେ ଏ ଖରାଦିନେ କି ବର୍ଷା। ପୁଣି ଝଡି।' ବିଜୁଳିଟେ ଯେମିତି ମାରିଚି, ସେ କହିଲା, 'ଦେଖିଲ, ମୁଁ କଉଚି ପରା।' ସବୁ ଶୋଇବାକୁ ଗଲେଣି। ଜଗାବାପା ଟେଲିଗିରାମ୍‌କୁ ଥୋଇଦେଇ ଅନେଇ ବସିଚି। ଦିଟା ଘର ଛାଡି ଦିଗିତଘର ପୁଅକୁ କଂପଦେଇ ଜ୍ୱର ଆସିଲା।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଥିଲା ବେଳେ ସକାଳୁ ସକାଳୁ ଗୁହାଳରୁ ଗାଇ ଖୋଲି ଚରାଇବାକୁ ନେବା ପାଇଁ ଆସିଥିବା ଗଉଡ ଟୋକାଟା ଜଗାଘର ସାମନାରେ ହିଁ ଝୁଣ୍ଟି ପଡିଗଲା । ଗାଇ ଚରାଇବାକୁ ନେବ କ'ଣ । ସେଇଠୁ ସିଧା ଚାଲିଲା କଂପାଉଣ୍ଡର ଘରକୁ । ସଞ୍ଜବେଳକୁ ଆସିଲା ବେଳକୁ ଗୋଡ ଉପରେ ମୋଟା ପ୍ଲାଷ୍ଟର ବନ୍ଧା ହେଇଚି । ବିଚାରାଟା ମାସେ ପାଇଁ ଘରେ ବସିବାକୁ ବାଧ୍ୟ ହେଇଗଲା । ଗାଁ ଲୋକଙ୍କ ସାମନାରେ ମୁଣ୍ଡ ଟେକିପାରିଲାନି ହରିଆ । ପୁରୋହିତେ ଆସି ହରିଆ ବାହୁରେ ହଳଦି ଆଉ ମନ୍ତ୍ରଦିଆ ସୁତା ବାନ୍ଧିଦେଇ କହିଲେ, କାଲି ସଅଳ ସଅଳ ଉଠି ଯାଇ ସେ ଅଭିଶପ୍ତ ତେଲିଗିରାମ୍‌କୁ ନଈରେ ଭସେଇ ଦେଇ ଆସିବୁ । ଅବାଧ୍ୟ ପିଲାଟେ ପରି ସେ ହଁ ଭରିଲା ।

ସକାଳୁ ସକାଳୁ ଉଠି ମୁହଁ ଅନ୍ଧାରରେ ଜଗାବାପା ଟେଲିଗ୍ରାମ୍‌ଧରି ଚାଲିଲା ନଈରେ ପକାଇବା ପାଇଁ। ଗାଁଠୁ କୋଶେ ଦୂରରେ ନଈ। ପୁରୋହିତେ କହିଥିଲେ, ସୁରୁଜ ଉଇଁଲାପୂର୍ବରୁ ସେ ଟେଲିଗିରାମ୍ ନଈରେ ଭସାଇବାକୁ, ତେଣୁ ତର ତର ହୋଇ ପାଦ ପକାଇ ଚାଲୁଥିଲା । ବାଟରେ କାହା ସହିତ କଥା ହେବନି ବୋଲି ବିଶେଷ ମନ୍ତବ୍ୟ ଦେଇଥିଲେ, ପୁରୋହିତେ ତେଣୁ ସେ ଧାଇଁ ଧାଇଁ ଚାଲୁଥିଲା । ଟେଲିଗ୍ରାମ୍‌କୁ ମୁଠାରେ ଧରି ଧାଉଁଥିଲା । ସେଇ ବାଟରେ ରାମପୁର ଥାନାର ଗାଡି ଯାଉଥିଲା, ଥାନାବାବୁ ରାସ୍ତାରେ ମୁହଁ ଅନ୍ଧାରରେ ଧଉଁଥିବା ଲୋକକୁ ଦେଖି ଧରି ଆଣିବାକୁ ଆଦେଶ ଦେଲେ । ଜଗାବାପା ମନେ ମନେ ପ୍ରମାଦ ଗଣିଲା । ଆଉ କେତେ ହଟହଟା କରିବ ଏ ଟେଲିଗିରାମ୍ ବୋଲି ମନକୁ ମନ କହିଲା । ଯାହା ପଚାରିଲ ମୁହଁ ଖୋଲିଲାନି । ଅଗତ୍ୟା ଥାନାବାବୁ କହିଲା ୟାକୁ ଗାଡିରେ ପକାଅ ଥାନାକୁ ଚାଲ ।

ଥାନାରେ ଯେତେ ପ୍ରଶ୍ନ ପଚାରିଲେ ବି ସେ କିଛି କହିଲା ନାହିଁ, ଶେଷରେ ଥାନାବାବୁଙ୍କ ରାଗ ପଞ୍ଚମରେ ପହଞ୍ଚିଗଲା, ଆଉ ନିଜ କୁର୍ସିରୁ ଉଠି ଯେମିତି ହରିଆ ଗାଲରେ ଚାପୁଡାଏ ଦେଇଛନ୍ତି ବୋପାଲୋ ମରିଗଲି ବୋଲି କହିଲା ହରିଆ । କନେଷ୍ଟବଲଟେ କହିଲା, 'ଆବା, ଶଳା ଆମେ ଏତେ କହିଲେ ବି କହୁନଥିଲା । ବାବୁଙ୍କ ଗୋଟାଏ ଚାପୁଡାରେ କଥା କହି ପକାଇଲା ।' ଆଉ ଜଣେ କନେଷ୍ଟବଳ କହିଲା, 'ଆମ ଥାନାବାବୁଙ୍କ ଭଳିଆ ଦେବତା ଲୋକ ମିଳିବେ ନା । ଭଗବାନ ପରା । ହାତ ନ ଲାଗୁଣୁ, ମୁକ କଥା କହିବା ଆରମ୍ଭ କରିଦେଲା ।' କନେଷ୍ଟବଳଙ୍କ କଥା ଶୁଣି ହରିଆ ଭାବିଲା, ସେ ଠିକ୍ ସ୍ଥାନରେ ପହଞ୍ଚିଗଲା । ଥାନାବାବୁଙ୍କ ସମାନ ଦେବତା ପୁରୁଷ ହିଁ ତା କଷ୍ଟ ଦୁର କରିବେ । ଅଗତ୍ୟା ସେ ନିଜ ଦୁଃଖ ବଖାଣି କହିଲା । ହରିଆ କଥା ଶୁଣି ଥାନାରେ ଥିବା ପୋଲିସ ଆଉ ହାଜତରେ ଥିବା ଲୋକ ମାନେ ହା ହା କରି ହସି ଉଠିଲେ । ଥାନାବାବୁ କହିଲେ, 'ଟେଲିଗ୍ରାମ୍‌କୁ ଦେଖି ଏତେ ଡର । କାହିଁକି?'

ଆମ ଗାଁରେ ଆଜି ପର୍ଯ୍ୟନ୍ତ କାହାର ବି ଟେଲିଗିରାମ ଆସିନଥିଲା ଆଜ୍ଞା । ଗଲାବର୍ଷ ଉମାବିଷେଇର ଆସିଥିଲା, ଯେ ତା' ପୁଅ ମରିଯାଇଥିଲା । ମୋ ପୁଅ ଆଜ୍ଞା ସୁରାଟରେ ଅଛି । ତାକୁ କାଳେ କିସ ହେଇଯିବ ବୋଲି ଡର । ଯେବେଠୁ ଆଜ୍ଞା ଏ ଟେଲିଗିରାମ୍ ଆଇଚି, ଆମ ଗାଁରେ ଘଟଣା ଉପରେ ଘଟଣା ହଉଚି । ଦିଗିତ ପୁଅକୁ ମେଲେରି ଜର ହେଲା, ଯେ ସାତ କୋଡି ଟଙ୍କା ଖର୍ଚ୍ଚ କଲାଣି, ହେଲେ ଭଅଲ ହଉନି, ରାଧିଆ ଗଉଡଟା ତୁଛାରେ ମୋ ଦୁଆରେ ପଡିଲା ଯେ ତା'ର ଗୋଡ ଭାଙ୍ଗିଗଲା । ତେଣୁ ଆଜ୍ଞା ଏ

ଥାନାରେ ଯେତେ ପ୍ରଶ୍ନ ପଚାରିଲେ ବି ସେ କିଛି କହିଲା ନାହିଁ, ଶେଷରେ ଥାନାବାବୁଙ୍କ ରାଗ ପଞ୍ଚମରେ ପହଞ୍ଚିଗଲା, ଆଉ ନିଜ କୁର୍ସିରୁ ଉଠି ଯେମିତି ହରିଆ ଗାଲରେ ଚାପୁଡାଏ ଦେଇଛନ୍ତି ବୋପାଲୋ ମରିଗଲି ବୋଲି କହିଲା ହରିଆ ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep
2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍‌ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଟେଲିଗିରାମ୍‌କୁ ନଇରେ ଭସେଇବା ପାଇଁ ବାହାରି ଥିଲି। ପୁରୋହିତ କହିଥିଲେ ବାଟରେ କାହା ସହିତ କଥା ହେବୁନି, ଆଉ ସୁରୁଜ ଉଇଁଲା ପୂର୍ବରୁ ନଇରେ ଭସେଇଦେବୁ। ତେଣୁ ଆଜ୍ଞା ଧାଉଁଥିଲି।' ହରିଆ ସବୁ କଥା କହିଲା।

ଥାନାବାବୁ ଠୋ ଠୋ ହୋଇ ହସିଲେ। କହିଲେ ହଉ ଯା, ନଇରେ ଭସେଇ ଦେବୁ ଯା। ସେଇଠୁ ହରିଆ କହିଲା, 'ଆଜ୍ଞା ଆପଣ ପାଠୁଆ ଲୋକ। ବହି ପଡିସେନ୍ତି ବୋଲି ଆଜି ଥାନାବାବୁ ହେଉଚନ୍ତି। ଆଜ୍ଞା' ହରିଆ ଅଟକି ଗଲା। ଥାନାବାବୁ କହିଲେ, 'କୁହ କଣ କହୁଚ।'

'ଆଜ୍ଞା ଯଦି ମୋର ଏଇ ଟେଲିଗିରାମ୍‌ଟା ଟିକେ ପଡି ଦେନ୍ତେ।'

ଥାନାବାବୁ ଆଉଥରେ ହା ହା ହସିଦେଇ କହିଲେ, 'ଏବେ ଯାଇ ବୁଦ୍ଧିମାନର କଥାଟେ କହିଲ।'

ଥାନାବାବୁ ଟେଲିଗ୍ରାମ୍‌କୁ ପଢିଲେ। ଠୋ ଠୋ ହସିଦେଇ କହିଲେ, ବୁଝିଲୁ ମୂର୍ଖ କୋଉଠିକାର, ତୋ ପୁଅ ଘରକୁ ଟଙ୍କା ପଠାଇଚି ବୋଲି ତାର ଦେଇଚି। ତୁମ ଗାଁର କିଏ ଗୋଟେ ବାଳୁ ହାତରେ ଦି ହଜାର ଟଙ୍କା ପଠେଇଚି ବୋଲି ଲେଖିଚି।'

ହରିଆ ମୁହଁ ଉଜ୍ଜଳ ହେଇଗଲା। ସେଇ ଟେଲିଗ୍ରାମ୍‌କୁ ମୁଣ୍ଡରେ ଗାମୁଛା ଭିଡିଦେଇ ସେଥିରେ ଖୋସିଦେଇ ଗାଁକୁ ଚାଲିଲା। ଗାଁଲୋକେ ହରିଆର ରୂପ ଦେଖି ଚମକି ପଡିଲେ। ନିଜ ଘର ଦୁଆରେ ବସି ସେ ମୁଣ୍ଡରୁ ଗାମୁଛା ଖୋଲି ପକାଇଦେଲା, ଟେଲିଗ୍ରାମ୍‌କୁ ଧରି କହିଲା, 'ଜଗାବୋଉ, ଏ ଜଗାବୋଉ ନେ ଏ ଟେଲିଗିରାମ୍‌କୁ ଠାକୁର ପାଖରେ ରଖି ଦେ।' ଜଗାବୋଉ କିଛି ବୁଝିପାରୁନଥିଲା। ପାଳବୁଢା କହୁଥିଲା, କାଳେ ହରିଆ ଟା ବାଉଳି ହଉଚି, ଆଉ ଦି ଘଡି ଗଲେ ପାଗଳ ହେଇଯିବ। ହରିଆ ଯୋରରେ ହସିଦେଇ କହିଲା, 'ବୁଝିଲୁ କକା, ମୁଁ ପାଗଳ ହେବିନି, ମୁଁ ପାଗଳ ଥିଲି। ଏବେ ଠିକ୍ ହେଇଗଲି। ମୋ ପୁଅ ଟେଲିଗିରାମ୍ କରିଚି ଟଙ୍କା ପଠେଇଚି ବାଳକୃଷ୍ଣ ହାତରେ ଦି ହଜାର। ସେଇଟା କିଛି ଅଭିଶାପ ନାହିଁ। ଆମେ ସବୁ ଅପାଠୁଆ ବୁଝିବା କିସ ଟେଲିଗିରାମ କଥା।' ଦି ଦିନ ହେଲା ବାଳକୃଷ୍ଣ ଆସି କିଛି କହି ନଥିଲା, ହରିଆର କଥା ଶୁଣି ତୁରନ୍ତ କହି ଉଠିଲା, 'ହଁ ହଁ ଜଗା ମୋ ହାତରେ ଟଙ୍କା ପଠେଇଥିଲା। ଗଣ୍ଠିଲିରେ ବାନ୍ଧି ଦେଇଚି, ଏବେ ଆଣୁ ଦେଉଚି।'

ସେଇଠୁ ଟେଲିଗିରାମ୍ ଭୂତ ଗାଁକୁ ଛାଡିଲା। ଆଉ କେହି ଟେଲିଗିରାମ୍ ଆସିଲେ ଡରୁନାହାନ୍ତି। ଅବଶ୍ୟ ହରିଆ ଏବେ ସାହୁକାର ପାଲଟି ଯାଇଛି। ଯାହାର ବି ଟେଲିଗିରାମ ଆସିଲେ ସେ ତାକୁ ନେଇ ଥାନାକୁ ଯାଉଚି, ବାବୁଙ୍କ ହାତରେ ପଡେଇ ଆଣୁଚି। ଗାଁରେ ଏବେ ସ୍କୁଲ୍ ଖୋଲିବା ପାଇଁ ସେମାନେ କହୁଛନ୍ତି।

> ପାଳବୁଢା କହୁଥିଲା, କାଳେ ହରିଆ ଟା ବାଉଳି ହଉଚି, ଆଉ ଦି ଘଡି ଗଲେ ପାଗଳ ହେଇଯିବ। ହରିଆ ଯୋରରେ ହସିଦେଇ କହିଲା, 'ବୁଝିଲୁ କକା, ମୁଁ ପାଗଳ ହେବିନି, ମୁଁ ପାଗଳ ଥିଲି। ଏବେ ଠିକ୍ ହେଇଗଲି। ମୋ ପୁଅ ଟେଲିଗିରାମ୍ କରିଚି ଟଙ୍କା ପଠେଇଚି ବାଳକୃଷ୍ଣ ହାତରେ ଦି ହଜାର। ସେଇଟା କିଛି ଅଭିଶାପ ନାହିଁ।

## ଶଳାଭାଉଜ

'ସବୁ ମରଦ ପୁଅ ଏକ ପ୍ରକାରର' ବୋଲି ଚର୍ଚ୍ଚା ପଡିଥିଲା, ସମ୍ଭବତ: ସ୍ଥାନ ଆଉ କାଳ ସଠିକ୍ ନଥିଲା। ଆଉ ପାତ୍ର, ସଂପୂର୍ଣ୍ଣ ଭାବେ ସଠିକ୍ ନଥିଲା। ନିଜ ଏକମାତ୍ର ଶାଳକ, ରବି ପାଇଁ ବରପାତ୍ରୀ ଚୟନ ଦାୟିତ୍ୱ ଥିଲା ରାଜୁ ବାବୁଙ୍କର। ବିଚରା ରାଜୁ ବାବୁ, ଅନିଚ୍ଛା ସତ୍ତ୍ୱେ ଏମିତି ଅନେକ ବିଚିତ୍ର ଓ ଅତି ବିଚିତ୍ର ଗୃହରେ ପ୍ରବେଶ କରିବାପାଇଁ ବାଧ୍ୟ ହୋଇଥିଲେ। କ'ଣ ଆଉ କରାଯିବ। ଶଶୁରଙ୍କ ତ ସବୁ ଦୁଇଟି

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ସନ୍ତାନ। ପ୍ରଥମ ଜଣ ହେଲେ କମଳା, ରାଜୁବାବୁଙ୍କ ସ୍ତ୍ରୀ ଆଉ ଜଣେ ହେଲେ ରବି। ରାଜୁବାବୁଙ୍କ ପାଖରେ ଗାଡିଟିଏ ଥିଲା ବୋଲି କମଳାଦେବୀ ଘରେ କହିଦେଇ ଥିଲେ, ଯେଉଁ ଆଡେ ବି ଯିବ, ଇଏ ନେଇଯିବେ। ଆଉ ରାଜୁବାବୁ ହେଲେ ଆଜନ୍ମ ପତ୍ନିବ୍ରତୀ, ମନା କରିବାର ଯୁ ନାହିଁ। ତେଣୁ ରବି ବାବୁ ଯେଉଁଠି ବି କନ୍ୟା ଦେଖିବା ପାଇଁ କହନ୍ତି, ରାଜୁବାବୁ ଅନିଚ୍ଛା ସତ୍ତ୍ୱେ ସପରିବାର ଧରି ସେଠାକୁ ଯାଆନ୍ତି।

ସେ ଯା'ହେଉ ପୁରୁଷ ମାନଙ୍କର ଏତାଦୃଶ ଅପମାନ ରାଜୁବାବୁଙ୍କୁ ଖୁବ୍ ବାଧୁଥାଏ ଅଥଚ ମୁହଁରେ ଲକ୍ଷେଟଙ୍କିଆ ହସଟିଏ ଦେଖାଇବାକୁ ବାଧ୍ୟ ହେଉଥାଆନ୍ତି। ପାଖରେ ବସିଥିଲା, କମଳା ଆଉ ଶାଶୁ ଦୁହେଁ ପୁରୁଷ ମାରଣ ନୀତିର ଶହେ ପ୍ରତିଶତ ସମର୍ଥକ ବୋଲି ଜଣାଇ ଦେଉଥାନ୍ତି। ଶାଶୁ କହିଲେ, 'ମୋ ପୁଅ, ଭାରୀ ଭଲ। ଗୋଟିଏ ବୋଲି ପୁଅ ଯେତେବେଳେ ତା'ଭଲମନ୍ଦ ବୁଝିବା ଦାୟିତ୍ୱରେ କେବେ ହେଲେ ଅବହେଳା କରିନି। ପାଠ ପଢାଇ ତାକୁ ଇଞ୍ଜିନିୟରଟିଏ କଲି। ବାବୁଙ୍କ ଚାକିରୀ ଥିବା ସମୟରେ ହିଁ ଦି ମହଲା ଘର ଖଣ୍ଡେ ତୋଳିଦେଲି।' ଶାଶୁଙ୍କ ଭାଷଣ ଚାଲୁଥିଲା, କମଳା ତାଙ୍କୁ ସମର୍ଥନ କରିବାର କୌଣସି ମଉକା ଛାଡୁନଥିଲା।

ସତରେ କହିଲେ ରବି ଥିଲା ଏ ସବୁର ଏକ ବ୍ୟତିକ୍ରମ। ପିଲାଟି ଦିନରୁ ପାଠଶାଠ କଣ କିଛି ବୁଝିଲା ନାହିଁ। ଘରେ ଆଧିପତ୍ୟ ଦେଖାଇ ଶାଶୁ ପୁତ୍ରକୁ ସ୍ନେହର ଆବିଳ ବନ୍ଧନରେ ବାନ୍ଧିରଖି ନାଶ କରିଦେଲେ। ଯେତେବେଳେ ମାଟ୍ରିକ୍ ଦୁଆରବନ୍ଧ ଡେଇଁବା ସମ୍ଭବ ହେଲାନି, ଶଶୁର ବିଚରା କଟକ ଧାଇଁ ଧାଇଁ ଅଜସ୍ର ଧନ ବ୍ୟୟରେ ପୁଅକୁ ମେଟ୍ରିକ୍ ପାସ କରାଇଥିଲେ ବୋଲି କମଳା କହିଚି। ତା'ପରେ ପୁଣି ଯୁକ୍ତ ଦୁଇରେ ଦୁଇ ଦୁଇ ଥର ରିସର୍ଚ୍ଚ କରି ଥାର୍ଡ ଡିଭିଜନ୍‌ରେ ପାସ କରିଥିବା ଖୋଦ୍ ରାଜୁବାବୁ ଜାଣିଛନ୍ତି। ଚାରିଲକ୍ଷ ଟଙ୍କା ଡୋନେସନ୍ ଦେଇ ତାକୁ ଇଞ୍ଜିନିୟରିଂ କଲେଜ୍‌ରେ ଜଏନ୍ କରାଇଥିଲେ ଯେ କେବେ ସେ କଲେଜ୍ ଯିବା ରାଜୁବାବୁ ଦେଖିନାହାନ୍ତି। କୋଉ ଗୋଟେ ଝିଅ ପଛରେ ପଡି ହାତକୁ କାଟିଦେଇଥିଲେ ବୋଲି ପୋଲିସ୍ କେସଟେ ହେଇଥିଲା ଯେ ଖୋଦ୍ ରାଜୁବାବୁଙ୍କ ଜନୈକ ଓକିଲ୍ ବନ୍ଧୁଙ୍କ ସହାୟତାରେ ତାକୁ କଚେରୀ ଦୁଆରୁ ବଞ୍ଚେଇଥିଲେ ସେ।

ଦୀର୍ଘ ଦୁଇଘଣ୍ଟାର ବାର୍ତ୍ତାଳାପ ପରେ କନ୍ୟାକୁ ବାହାରକୁ ଡକାଗଲା। ରାଜୁବାବୁ କମଳାଦେବୀଙ୍କ କାନରେ ଫୁସ୍‌ଫୁସ କରି କହିଲେ, ଯେ ସେ ଶୀଘ୍ର ଘରକୁ ଯିବେ ନୋଇଲେ ପେଟ ଯୋଉ ପ୍ରକାର ମୋଡିଲାଣି, କିଛି ବି ଅସମ୍ଭବ ହୋଇ ନପାରେ। ତେଣୁ ଝିଅଦେଖା କାମଟା ସାରିବାକୁ ପଡିବ। ରାଜୁବାବୁଙ୍କ ଏ ପ୍ରକାରର କାରସାଦି ପଛରେ ଥିଲା ନିଜର ଆତ୍ମରକ୍ଷା, କାରଣ ସେଠାରେ ଜମାହୋଇଥିବା ସବୁ ସ୍ତ୍ରୀଲୋକମାନେ ପୁରୁଷ ମାନଙ୍କୁ ଯେଉଁପ୍ରକାରର ସମ୍ମାନ ଦେଉଥିଲେ, ପ୍ରତୀତ ହେଉଥିଲା, କାହାର ଘରେ ବି ଠିକ୍ ରକମ ପୁରୁଷଟିଏ ନଥିବେ। କମଳା ଦେବୀଙ୍କୁ ସେଇ ସଭାରେ ଭାଗ ନେବା ଦେଖି ରାଜୁବାବୁ ବିଚଳିତ ହୋଇପଡିଥିଲେ, ତେଣୁ ଏତାଦୃଶ ନାଟକ ଟିଏ କରିବାପାଇଁ ବାଧ୍ୟ ହେଲେ।

ଝିଅଟି ଦେଖିବାକୁ କିଛି ଖରାପ ନଥିଲା, କିନ୍ତୁ ଯେମିତି କହନ୍ତି ଚନ୍ଦ୍ରମାରେ ବି ଦାଗ ରହିଛି, ସେମିତି ଝିଅଟିକୁ ଦେଖି ରାଜୁବାବୁ ହଠାତ୍ ଚିନ୍ତାରେ ପଡିଗଲେ। ମନେ ହେଲା ଯେମିତି ସେଇ ଝିଅକୁ ସେ

ରାଜୁବାବୁଙ୍କ ଏ ପ୍ରକାରର କାରସାଦି ପଛରେ ଥିଲା ନିଜର ଆତ୍ମରକ୍ଷା, କାରଣ ସେଠାରେ ଜମାହୋଇଥିବା ସବୁ ସ୍ତ୍ରୀଲୋକମାନେ ପୁରୁଷ ମାନଙ୍କୁ ଯେଉଁପ୍ରକାରର ସମ୍ମାନ ଦେଉଥିଲେ, ପ୍ରତୀତ ହେଉଥିଲା, କାହାର ଘରେ ବି ଠିକ୍ ରକମ ପୁରୁଷଟିଏ ନଥିବେ । କମଳା ଦେବୀଙ୍କୁ ସେଇ ସଭାରେ ଭାଗ ନେବା ଦେଖି ରାଜୁବାବୁ ବିଚଳିତ ହୋଇପଡିଥିଲେ, ତେଣୁ ଏତାଦୃଶ ନାଟକ ଟିଏ କରିବାପାଇଁ ବାଧ୍ୟ ହେଲେ ।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
Sep 2008 ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କୋଉଠି ଦେଖିଛନ୍ତି ।

ଯା'ହେଉ ଝିଅ ମନକୁ ଲାଗିଲା । ଶାଶୁ ଝିଅହାତରେ ଶୁଭ ପାଇଁ ଶହେ ଟି ଟଙ୍କା ଦେବା ପାଇଁ କମଳାକୁ କହିଲା ପଅରେ କମଳା ଦେବୀ ଯେତେବେଳେ ରାଜୁବାବୁଙ୍କୁ କହିଲେ ଶହେ ଟଙ୍କା ନୋଟ୍‌ଟିଏ ଦେବାପାଇଁ ସେଇ ସମୟରେ ରାଜୁବାବୁଙ୍କ ମନେ ପଡିଲା, ଯେ ଦିନେ ଏହି ସୁନ୍ଦରୀ ଜଣକ ସହରର ଏକ ନାମଜାଦା ପାର୍କରେ ଏକ ଯୁବକ ସହ ଅସଙ୍ଗତ ଅବସ୍ଥାରେ ଧରାପଡି ସେଠାରେ ଥିବା ପୋଲିସ୍ କନେଷ୍ଟବଳକୁ ଶହେ ଟଙ୍କା ଯାଚି ଉଦ୍ଧାର ପାଇଥିଲା । ରାଜୁବାବୁ ମୁଣ୍ଡ ହଲାଇ କମଳା ଦେବୀଙ୍କୁ ମନାକରୁଥିଲେ, ଅଥଚ ସେ ବୁଝି ନ ବୁଝିଲା ପରି ଟଙ୍କାଟି ନେଇ ଝିଅ ହାତରେ ଦେଇ ଚାଲି ଆସିଲେ ।

ସେମାନେ ବାହାରି ଆସିବା ସମୟରେ ରାଜୁବାବୁ କହିଲେ, 'ତୁମେ କାହିଁକି ସେ ଝିଅକୁ ଶହେ ଟଙ୍କା ଦେଲ?'

କମଳା ଦେବୀ କହିଲେ, 'ଆରେ ଏଇଟା ନିୟମ ପରା । ଆମକୁଝିଅ ଭଲ ଲାଗିଲା ତେଣୁ ଶୁଭପାଇଁ ତା ହାତରେ ଶହେଟା ଟଙ୍କା ଦେଲୁ । ଏଥିରେ ଏତେ ବିରକ୍ତ ହେବାର କଣ ଅଛି ।'

ରାଜୁବାବୁ କହିଲେ, 'ଝିଅଟା ଭଲ ନାହିଁ ।'

କମଳା ଦେବୀ କହିଲେ, 'ଥାଉ, ତୁମେ କେତେ ଭଲ ମୁଁ ଭଲ ଭାବରେ ଜାଣିଛି । ନିଜ କଥା ନିଜ ପାଖରେ ରଖ । ଘରକୁ ଚାଲ ତୁମ ପେଟ ମୋଡୁଚି ପରା ।' ରାଜୁବାବୁ କେବେ ବି ଯୁକ୍ତିରେ ପାରିବେ ନାହିଁ ଜାଣିଥିଲେ । ତେଣୁ ସିଧା ଘରକୁ ଚାଲିଲେ ।

ସନ୍ଧ୍ୟାବେଳକୁ ସମସ୍ତେ ବସି ଏକାଠି କଥା ହେଉଥିବା ସମୟରେ ରବି ବାବୁ ହଲିହଲି ଆସି ପହଞ୍ଚିଲେ । ଆଜିକାଲି ନୂଆ ନୂଆ ବୋତଲ ଧରିବା ଶିଖିଛନ୍ତି ତ, ରାତି ଦଶଟା ପରେ ହଲିହଲି ଆସି ଘରେ ପହଞ୍ଚି ଯାଉଚନ୍ତି । ପୁଅକୁ ନେଇ ଝିଅର ଫୋଟ ଦେଖାଇ ଶାଶୁ କହିଲେ, 'ଦେଖ୍ ଏଇ ଝିଅଟାକୁ ଆମେ ଠିକ୍ କରି ଆସିଛୁ । ତୁ କାଲି କ୍ୱାଇଁଙ୍କ ସାଥୀରେ ଯାଇ ଦେଖି ଆସିବୁ ।' ଫୋଟୋକୁ ଘଡିଏ ଆଖି ମଳିମଳି ଦେଖି ରବି କହିଲା, 'ବୋଉ, ତୋ ମୁଣ୍ଡ ଖରାପ ହେଇଯାଇଚି ନା କ'ଣ? ଏଇଟାକୁ ମୋ ପାଇଁ ଠିକ୍ କରିଚୁ? କିଏ ତୋତେ ଏ ବୁଦ୍ଧି ଦେଲା? ଆଲୋ ଏ ଝିଅଟା ଆମ ସହରର କୋଉ ଟୋକା ସାଥୀରେ ବଜାର ବୁଲିନି ମୋତେ ପଚାର । ମୁ ୟାକୁ ଠିକ୍ ଚିହ୍ନିଚି । ଛେ: ନିଶାଟା ଭାଙ୍ଗିଗଲା । ନାନୀ ତୁ ଯାଇଥିଲୁ ଟି ସାଥୀରେ ତୁ ବି ଜାଣିପାରିଲୁନି? ଆଉ ରାଜୁଭାଇ କିଛି କହିଲେନି?' ରାଜୁବାବୁ କହିଲେ, 'ବୁଝିଲ ଏଇଥି ପାଇଁ ମନାକରୁଥିଲି ତାକୁ ଶହେ ଦିଅନି ଦିଅନି, ମୋ କଥା କିଏ ଶୁଣୁଚି?'

'ବୋଉ, ତୋ ମୁଣ୍ଡ ଖରାପ ହେଇଯାଇଚି ନା କ'ଣ? ଏଇଟାକୁ ମୋ ପାଇଁ ଠିକ୍ କରିଚୁ? କିଏ ତୋତେ ଏ ବୁଦ୍ଧି ଦେଲା? ଆଲୋ ଏ ଝିଅଟା ଆମ ସହରର କୋଉ ଟୋକା ସାଥୀରେ ବଜାର ବୁଲିନି ମୋତେ ପଚାର । ମୁ ୟାକୁ ଠିକ୍ ଚିହ୍ନିଚି । ଛେ: ନିଶାଟା ଭାଙ୍ଗିଗଲା । ନାନୀ ତୁ ଯାଇଥିଲୁ ଟି ସାଥୀରେ ତୁ ବି ଜାଣିପାରିଲୁନି? ଆଉ ରାଜୁଭାଇ କିଛି କହିଲେନି?'

ଶାଶୁଙ୍କ ମୁହଁ ଲାଲ୍ ହୋଇଗଲା । କମଳା ଦେବୀ ଚୁପ୍ ହୋଇଗଲେ । 'କହିଲେ କିଏ ଜାଣିଚି ଏତେ କଥା? ଝିଅଟା ଦେଖିବାକୁ ସୁନ୍ଦର ବୋଲି ଆମେ ଭାବିଲୁ ।'

ରାଜୁବାବୁ କହିଲେ, 'ଝିଅ ଦେଖିବାକୁ ଯାଇଥିଲ, ଝିଅ ଦେଖି ଆସନ୍ତ, ସେଇଠି ବସି ପୁରୁଷମାନେ କେମିତି ଏ କଥା ବଖାଣିବା କି ଦରକାର? ଜାଣିପାରିଲ ନି ସେ ଝିଅର ମା' କାହିଁକି ପୁରୁଷ ମାନଙ୍କୁ ନିନ୍ଦା କରୁଥିଲା? ନିଜ ଝିଅର ଦୋଷ ଦୁର୍ଗୁଣକୁ ଲୁଚେଇ ପାରିବନି ବୋଲି । ହେଲା ।'

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

Sep 2008

ନି:ଶୁଳ୍କ ପ୍ରସାରଣ ନିମିତ୍ତ

ସେପ୍ଟେମ୍ବର ୨୦୦୮ ସଂସ୍କରଣ

www.aahwaan.com

ଇ-ପତ୍ରିକା ଆହ୍ୱାନ

ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

କମଳା କହିଲା, 'ଆମେ ତ ଶହେ ଦେଇ ଆସିଚୁ। କାଲି ତା ଘରୁ ଫୋନ୍ ଆସିଲେ କଣ କହିବୁ? ହେ, ତୁମେ ଟିକେ ଯାଇ ଆଉଥାରେ ଝିଅଦେଖିଲା ଭଳି କରି ମନା କରି ଦେଇ ଆସନ୍ତନି?'

ରାଜୁବାବୁ ସାମାନ୍ୟ ହସିଦେଇ କହିଲେ, 'ତୁମର ସେ ତୁଛବୁଦ୍ଧିଟା ଆଉ ଗଲାନି ନାହିଁ କି?'

ରବିର ନିଶା ଛାଡି ଆସୁଥିଲା କହିଲା, 'ଥାଉଲୋ ନାନୀ, ମୁଁ କାଲି କଥାଟାକୁ ସେଟିଂ କରିଦେବି। ଚିନ୍ତା କରନା। ଶହେ କେମିତି କାଢିବାର ଅଛି ମୁଁ ଜାଣିଛି।'

ଦଶଟା ଦିନ ଚୁପ୍ ବସିବା ପରେ ପୁଣିଥରେ ରବି ବାବୁଙ୍କ ପାଇଁ ଝିଅ ଉପରେ ଝିଅ ଦେଖା ଚାଲିଲା। ରାଜୁବାବୁ ଅଫିସ୍ କାମ ଅଛି କହି ଆଉ ଗଲେନି। ଯା'ହେଉ ସହର ଯାକର ସବୁ ଝିଅକୁ ରିଜେକ୍ଟ କରି ସାରିବା ପରେ ଶେଷରେ ଗୋଟିଏ ଝିଅକୁ ବାହା ହେବାକୁ ରବିବାବୁ ହଁ ଭରିଲେ। ନଭେମ୍ବର ମାସର ଶୀତ ଦିନରେ ଦେଖୁ ଦେଖୁ ବାହାଘର ଯୋଗାଡ ଯନ୍ତ୍ର ଚାଲିଲା। ଝିଅର ଫୋଟୋ ବି ରାଜୁବାବୁ ଦେଖିଲେ ନାହିଁ। କମଳା ଦେବୀ ଆଣିଥିଲେ, ହେଲେ ରାଜୁବାବୁ କହିଲେ, 'ଯିଏ ବାହାହେବ ତାକୁ ଦେଖାଅ।' ରବିର ବାହାଘର ବେଳେ କୌଣସି ପ୍ରକାର ସାହାଯ୍ୟ କରି ପାରିବେ ନାହିଁ ବୋଲି କହିଦେଇଥିଲେ ସେ।

ବିବାହ ଦିନ ବରଯାତ୍ରୀରେ ଶହେ ଉପରେ ଲୋକ ଜମା ହୋଇଥିଲେ। କେବେ ବି ଶାଶୁଘରକୁ କେହି ଆସିବା ଯିବା ଦେଖି ନଥିଲେ ରାଜୁବାବୁ ଆଜି ରବିର ବାହାଘରେ ଏତେ ଜମାଟ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସବୁ ବୋଧହୁଏ ରବିର ବନ୍ଧୁବର୍ଗ ଥିଲେ, କାରଣ ସମସ୍ତଙ୍କ ମୁହଁରୁ ଏକ ପ୍ରକାରର ବାସ୍ନା ଆସୁଥିଲା। ଶଶୁର ବିରକ୍ତ ହୋଇ କହୁଥିଲେ କାଳେ ଖାଲି ପିଇ ପିଇ ଏ ସବୁଗୁଡାକ ଆଠ ଦଶ ହଜାର ଟଙ୍କା ସାରିଦେଇଥିଲେ। ବରଯାତ୍ରୀରେ ଚାଲି ଚାଲି ଯିବା ଆଉ ସମ୍ଭବ ହେଲାନି। ରାଜୁବାବୁ ନିଜ ଗାଡିରେ ଆଗରୁ ଯାଇ ଝିଅ ଘର ପାଖରେ ପହଞ୍ଚି ଯାଇଥିଲେ। ବାହାଘର ଭଳି ଲାଗୁନଥିଲା। ଏତେ ବଡ କଲ୍ୟାଣମଣ୍ଡପରେ ମାତ୍ର ହାତଗଣତି କେଇଜଣ ଲୋକଙ୍କୁ ଛାଡିଦେଲେ କେହି ଦିଶୁନଥିଲେ। ସେ ଯାଇ ନିଜପାଇଁ ଗୋଟିଏ ଚଉକି ଅକ୍ତିଆର କରି ବସିଗଲେ। ଏଇ ସମୟରେ ମନେ ମନେ ଶଳାଭାଉଜକୁ ଟିକେ ଦେଖିବା ପାଇଁ ମନ ଟାଣିଲା। ଫୋଟୋରେ ସିନା ଦେଖିନଥିଲେ, ଏବେ ସାମନା ସାମନି ଦେଖା ହେଉ। ଯେତେହେଲେ ବି ସେ ଶଳାଭାଉଜ ମାନେ ଥଟା ସଂପର୍କ। ତେଣୁ କଲ୍ୟାଣମଣ୍ଡପ ଏପାଖ ସେ ପାଖ ବୁଲି ଦେଖୁ ଦେଖୁ ଯେଉଁ ବଖରାରେ ଝିଅ ବସିଛି, ସେ'ଆଡକୁ ଟିକେ ଚାଲିଗଲେ। କବାଟ ଅଧାଖୋଲା ଦେଖି ଭିତରକୁ ଦେଖିଲା ବେଳକୁ ସୁସଜ୍ଜିତ କନ୍ୟାଜଣକ ଝରକା ପାଖ ଦେଇ କାହାକୁ କହୁଥିଲା, 'ତୁମକୁ ଧର୍ମ ହେବ, ତୁମେ ଯାଅ। ଆଜି ମୋ ବାହାଘର, ପ୍ଲିଜ୍ ମୋତେ ଅସୁବିଧାରେ ପକାଅ ନାହିଁ।'

ରାଜୁବାବୁଙ୍କ ଛାତି ଧଡଧଡ ହୋଇଗଲା। ଆଉ କଣ ହେଉଛି ଶୁଣିବା ପାଇଁ, ନିକଟରେ ଥିବା ଅନ୍ୟ ଏକ ରୁମ୍‌ଭିତରେ ପଶିଗଲେ, ଆଉ ଝରକା ପାଖରେ ଥାଇ କାନେଇଲେ। ଝିଅଟି କହୁଥିଲା, 'ତୁମେ ଚିନ୍ତା କରନି। ବାହାଘରଟା ସରିଯାଉ, ଆଉ ଅସୁବିଧା ହେବନି। ବାହାପର ଦିନ ହିଁ ମୁଁ ସେଇଠୁ ବାହାରି ଆସିବି। ତୁମେ ଯେଉଁଠି କୁ କହିଲେ ମୁଁ ଆସିବି। ଆଉ କେହି ମୋତେ ଅଟକାଇ ପାରିବେନି।' ପୁଅଟି ବିକଳ ହେଇ କହୁଥିଲା, 'ନାଇଁ ସୁନି, ତୁମେ ମୋତେ ଛାଡି ଆଉ କାହାକୁ କେମିତି ବାହା ହେଇଯିବ? ଯଦି

ରାଜୁବାବୁଙ୍କ ଛାତି ଧଡଧଡ ହୋଇଗଲା। ଆଉ କଣ ହେଉଛି ଶୁଣିବା ପାଇଁ, ନିକଟରେ ଥିବା ଅନ୍ୟ ଏକ ରୁମ୍‌ଭିତରେ ପଶିଗଲେ, ଆଉ ଝରକା ପାଖରେ ଥାଇ କାନେଇଲେ। ଝିଅଟି କହୁଥିଲା, 'ତୁମେ ଚିନ୍ତା କରନି। ବାହାଘରଟା ସରିଯାଉ, ଆଉ ଅସୁବିଧା ହେବନି। ବାହାପର ଦିନ ହିଁ ମୁଁ ସେଇଠୁ ବାହାରି ଆସିବି। ତୁମେ ଯେଉଁଠି କୁ କହିଲେ ମୁଁ ଆସିବି। ଆଉ କେହି ମୋତେ ଅଟକାଇ ପାରିବେନି।'

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:

Aahwaan INFOTECH

Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବାହା ହେବ, ବୋଇଲେ ମୁଁ ସୁଇସାଇଡ୍ କରିଦେବି। ପ୍ଲିଜ୍ ମୋତେ ଛାଡି ଯାଅନି।' ସୁନି କହୁଥିଲା, 'ଏବେ ଡେରି ହେଇଗଲାଣି, ଆଉ ଉପାୟ ନାହିଁ। ବୋଉ ଶୁଣିଲେ ମୋତେ ଜୀବନରେ ମାରିଦେବ। ବାପାଙ୍କର ହାର୍ଟ ଆଟାକ୍ ହେଇଯିବ। ତୁମେ ଯାଅ। ପ୍ଲିଜ୍।'

ରାଜୁବାବୁ ସେଇ ବଖରାରୁ ବାହାରି ଆସି କନ୍ୟାଥିବା ବଖରାରେ ପହଞ୍ଚିଗଲେ। ରାଜୁବାବୁଙ୍କୁ ଦେଖି ହଠାତ୍ ଚମକି ପଡିଥିଲେ ଦି'ଜଣ। ଭରସା ଦେଇ ରାଜୁବାବୁ ସବୁ କଥା ଶୁଣିଲେ। ଯାହା ଲାଗିଲା ଦୁହେଁ ଦି ଜଣକୁ ଭଲ ପାଉଥିଲେ, ହେଲେ ମା'ଙ୍କ କ୍ରୋଧ ଆଗରେ ମୁଣ୍ଡ ନୁଆଇଁ ଦେଇ ଝିଅ ବାହାପାଇଁ ହଁ କରିଦେଇଛି। ସୁନିକୁ ଖଣ୍ଡିଏ ପୁରୁଣା ଲୁଗା ଗୁଡାଇ ଦେଇ ସାଥୀରେ ଧରି ସେ ରୁମ୍‌ରୁ ବାହାରି, କଲ୍ୟାଣ ମଣ୍ଡପ ପଛରେ ଜଗିରହିଥିବା ତା'ପ୍ରେମିକ ପାଖରେ ଛାଡିଦେଇ ରାଜୁବାବୁ ସିଧା ଫେରିଆସିଥିଲେ ବରଯାତ୍ରୀ ପଟୁଆର ପାଖକୁ। କାହାକୁ କିଛି କହିବାର ବଳ ନଥିଲା। କାରଣ ବରଯାତ୍ରୀରେ ଯେଉଁ ଶହେଉର୍ଦ୍ଧ୍ୱ ମତୁଆଲା ଟୋକାଥିଲେ, ସେମାନଙ୍କ ମାଡରେ କେହି ବଞ୍ଚିବା ଭଳି ଲାଗୁନଥିଲା। ତେଣୁ ରବି ପାଖକୁ ଯାଇ କହିଲେ, 'ବୋତଲ କୋଉଠି ଅଛି?' ରବି ଚମକି ପଡିଥିଲା। କେବେ ବି ମଦ ପିଉନଥିବା କ୍ୱାଇଁ ଆଜି ମଦ କଥା ପଚାରୁଚନ୍ତି। ସେ କିଛି କହିଲା ପୂର୍ବରୁ କିଏ ଜଣେ କହିଲା, 'ଆରେ ରାଜୁଭାଇଙ୍କୁ ଗିଲାସେ ପିଇବାକୁ ଦିଅ।'

ତା'ପରେ କଣ ହେଲା ରାଜୁବାବୁ ଆଉ ଜାଣିନାହାନ୍ତି। ନିଶାଛାଡିଲା ବେଳକୁ ଶଶୁରଘରେ ସେ ଶୋଇଥିଲେ। ପାଖରେ ବସି କମଳା ଦେବୀ ପାଦରେ ସୋରିଷତେଲ ଘଷୁଥିଲେ। ଶଶୁର ନିରବରେ ବସିଥିଲେ। ଦୁଆର ପାଖରେ ସାଙ୍ଗସାଥୀ ଧରି ଶାଳକ ବାବୁ ଚିନ୍ତାକରୁଥିଲେ କିଏ ସେ ଲୋକ ଯିଏ ଆମ ପାର୍ଟିର ହେଇକି ଆମ ଖିଲାଫ୍ କାମ କରିଚି, ଶଳାଟା ମିଳିଲେ ଟିକି ଟିକି କାଟି ଫୋପାଡି ଦେବି।' ରାଜୁବାବୁଙ୍କ ଚେତା ଆଉଥରେ ପଳାଇଲା।

## ଆମେ ଗରିବ ହେଲେ କେଉଁଠି?

ବ୍ୟକ୍ତି ଏକ ବହୁମୁଖୀ ଯନ୍ତ୍ର। ଅଧୁନା ଜଗତରେ ଯନ୍ତ୍ରବତ୍ ଚଳିବାର ଯେଉଁ ବ୍ୟବସ୍ଥା ହେଉଛି, ତାହାର ପରିପକ୍ୱ ସ୍ୱରୂପ ହେଉଛୁ ଆମେ। ଆମ ପାଖରେ ସମୟର ଘୋର ଅଭାବ। ଛୋଟ ଶିଶୁଟିଏ ହୋଇଥିଲେ, ସ୍କୁଲ୍, ଟ୍ୟୁସନ୍, ଖେଳ, ଟିଭିରେ ବ୍ୟସ୍ତ, କୈଶୋରରେ ମଧ୍ୟ ଏକା, ଯୌବନରେ ଉନ୍ମୁକ୍ତ ପ୍ରଜାପତି ପରି ଘୁରିବୁଲିବାରେ ସମୟର ଅଭାବ, ଆଉ ଗୃହସ୍ଥିରେ? ଘର, ଘରଣୀ ଆଉ ସନ୍ତାନ ସନ୍ତତିର ଚିନ୍ତା। ସମୟ ପ୍ରକୃତରେ ବହୁତ ମୂଲ୍ୟବାନ, ତାହା ଆମେ ଆଜି ସଂପୂର୍ଣ୍ଣଭାବେ ବୁଝିପାରୁଛେ।

ସୁଦୂର ଆମେରିକାରେ କାର୍ଯ୍ୟରତ ଜନୈକ ଓଡିଆ ବନ୍ଧୁଙ୍କ ମତରେ ଆମ ଦେଶର ଉନ୍ନତିର ପ୍ରକୃତ ପ୍ରତିବନ୍ଧକ ହେଉଛି ସମୟର ଅପଚୟ। ଆଜୀବନ ଓଡିଶାରେ ରହି ପାଠପଢି ଚାକିରୀ କରିବା ଭିତରେ ସେ ଏଇ କଥା ପଦକ ଉପଲବ୍ଧି କରିପାରି ନଥିଲେ ବୋଧହୁଏ। ସେ ଯା'ହେଉ ଆମେରିକାକୁ ମାତ୍ର ତିନିମାସର ଟ୍ରେନିଂ ପାଇଁ ଯାଇ ଏଇ କଥାକୁ ସେ ହୃଦୟଙ୍ଗମ କରିଥିଲେ। ସେଠାରେ କାଳେ ସମୟ ବିକ୍ରୀ ହୁଏ। ଯଦି ଆପଣ କୌଣସି ଏକ ବିଷୟର ବିଶେଷଜ୍ଞ ହୋଇଥାଆନ୍ତି, ତେବେ ଆପଣ ନିଜ ବିଷୟରେ ସେଠାରେ ସମୟର ବିକ୍ରୟ କରି ପାରିବେ। ଧରିନିଅନ୍ତୁ ଆପଣ ଜଣେ ପ୍ରାଧ୍ୟାପକ, ଆପଣ ଘଣ୍ଟାକୁ ୨୦୦

> ସୁଦୂର ଆମେରିକାରେ କାର୍ଯ୍ୟରତ ଜନୈକ ଓଡିଆ ବନ୍ଧୁଙ୍କ ମତରେ ଆମ ଦେଶର ଉନ୍ନତିର ପ୍ରକୃତ ପ୍ରତିବନ୍ଧକ ହେଉଛି ସମୟର ଅପଚୟ। ଆଜୀବନ ଓଡିଶାରେ ରହି ପାଠପଢି ଚାକିରୀ କରିବା ଭିତରେ ସେ ଏଇ କଥା ପଦକ ଉପଲବ୍ଧି କରିପାରି ନଥିଲେ ବୋଧହୁଏ। ସେ ଯା'ହେଉ ଆମେରିକାକୁ ମାତ୍ର ତିନିମାସର ଟ୍ରେନିଂ ପାଇଁ ଯାଇ ଏଇ କଥାକୁ ସେ ହୃଦୟଙ୍ଗମ କରିଥିଲେ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ରୁ ୫୦୦ ଡଲାର ବିନିମୟରେ ନିଜ ସମୟ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟକୁ ବିକ୍ରୟ କରିପାରିବେ।

ଆମ ଦେଶରେ ଏମିତି ହୁଏନି। ଏଠି ଦିନରେ ଘଣ୍ଟାଏ କାମ କରି ପ୍ରଧ୍ୟାପକ ମାନେ ନିଜ ଘରେ ଯାଇ ଶୁଅନ୍ତି, କେହି କେହି ପାର୍ଟ ଟାଇମ୍ ବିଜିନେସ୍ ବି କରନ୍ତି। କାରଣ ଏଠି ସମସ୍ତେ ଜାଣିଛନ୍ତି, ଯେ ମାସ ପହିଲାରେ ନିରବଚ୍ଛିନ୍ନ ଭାବରେ ଦରମାଟିଏ ଆସିଯିବ। ଆଉ ଅଧିକ କାମ କରିବାର ଜରୁରତ କଣ? ଆମେରିକାରେ ରହୁଥିବା ଅନ୍ୟଜଣେ ବନ୍ଧୁ ମାତ୍ର ଦୁଇଟା ବର୍ଷରେ ଏତେ ପରିମାଣର ଟଙ୍କା ଉପାର୍ଜନ କରିଲେ ଯେ ଭାରତରେ ଆସି ବାଙ୍ଗାଲୋର ଭଳି ଦାମୀକା ସହରରେ ଅଟ୍ଟାଳିକା ସଦୃଶ ଗୃହ ନିର୍ମାଣ କରି ପାରିଲେ। ମ୍ୟାଟ୍ରିକ୍‌ରେ ଓ ଯୁକ୍ତ ଦୁଇରେ ଦୁଇଥର ରିସର୍ଚ୍ଚ କରିଥିବା ଏହି ବନ୍ଧୁ ବର୍ତ୍ତମାନ ଆମେରିକୀୟ କଂପାନୀରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟରତ।

କେମିତି ହୁଅନ୍ତା ଯଦି ଆମ ଦେଶରେ ବି ଆମେ ସମସ୍ତେ ସମୟକୁ ଅପଚୟ ନ କରି ବିକ୍ରୀ କରିଦିଅନ୍ତେ?

କେହି ଜଣେ କହିଲା, 'କରି ଦିଅନ୍ତେ ମାନେ କଣ? କରୁଚୁ ନା!'

ସତ କଥା ବାସ୍ତବ ଜୀବନରେ ଦେଖିବାକୁ ଗଲେ, ଭାରତରେ ସର୍ବାଧିକ ସମୟର ମୂଲ୍ୟବାନ ଉପଯୋଗ ହେଉଛି କେବଳ କ୍ରୀକେଟ୍ ଖେଳାଳୀ ମାନଙ୍କର। ଅନେକେ କହନ୍ତି ଏହି ଖେଳାଳୀ ମାନେ କ୍ରୁଆଡେ ପଡିଆରେ କମ୍ ଆଉ ଟିଭି ପରଦାରେ ଅଧିକ ସମୟ ଦେଖାଦେଉଛନ୍ତି। ନିକଟ ଅତୀତରେ ମୁଁ ପଢିଥିବା ଏକ ଆକଳନ ଅନୁଯାୟୀ ଏହି କ୍ରୀକେଟ୍ ଖେଳାଳୀ ମାନେ କୁଆଡେ ଖେଳ ଅପେକ୍ଷା ଟିଭିର ବିଜ୍ଞାପନରେ ଅଭିନୟ କରି ଅଧିକ ପଇସା ପାଉଛନ୍ତି। ଏହାକୁ ମୁଁ ଅଯଥାର୍ଥ କହିବି ନାହିଁ, କାରଣ ଯଦି ବ୍ୟକ୍ତିର ବିଷୟ ବିଶେଷର ଜ୍ଞାନ ଅଛି, ତେବେ ସେ ଏହାର ସଦୁପଯୋଗ କରିବା ଉଚିତ। କ୍ରୀକେଟ୍ ଖେଳିବାର ଗୋଟିଏ ବୟସ ଅଛି ସମୟ ଅଛି, ତା'ପରେ ଏହି ଖେଳାଳୀ ମାନେ ଅଲୋଡା ହୋଇଯିବେ ତେଣୁ ସେମାନେ ଯେଉଁ ପ୍ରକାରରେ ବି ପଇସା କମେଇବାକୁ ଚାହାନ୍ତି, ତାହା ସଂପୂର୍ଣ୍ଣ ଭାବେ ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତି।

ଖେଳାଳୀ ମାନଙ୍କ ପରି ଆଉ ଗୋଟିଏ ଗୋଷ୍ଠୀହେଲେ ଡାକ୍ତର। ସରକାରୀ ଚାକିରୀରେ ଥାଇ ସୁଦ୍ଧା ଅନେକେ ନିଜକୁ ପ୍ରାଇଭେଟ୍ କ୍ଲିନିକ୍ ସହ ସଂପୃକ୍ତ କରିଥାଆନ୍ତି। ଅବଶ୍ୟ ସମୟକୁ ଘଣ୍ଟା ଆକାରରେ ସେମାନେ ବିକ୍ରୀ କରୁ ନ ଥାଇ ପାରନ୍ତି, ତେବେ ସମୟର ପ୍ରକୃତ ମୂଲ୍ୟ ଜଣେ ଡାକ୍ତର ହିଁ ସଠିକ୍ ବୁଝିପାରିବ। ବିଗତ କେଇ ଦଶନ୍ଧି ଧରି ଡାକ୍ତର ମାନଙ୍କ ଏହି ବ୍ୟକ୍ତିଗତ ଚିକିତ୍ସା ବିରୁଦ୍ଧରେ ଅନେକ ଥର ଅନେକ ନୂଆ ନୂଆ ନିୟମ ଲେଖା ଯାଇଥିଲେ ସୁଦ୍ଧା କେହି ସେ ସବୁ ନିୟମକୁ ମାନୁଥିବାର ଦେଖା ଯାଉନାହିଁ।

ଛାଡନ୍ତୁ ସେ ସବୁ କଥା, ଏବେ ଆସନ୍ତୁ ବିଚାର କରିବା ସମୟର ମୂଲ୍ୟ କେତେ?

ଜନୈକ ଡାକ୍ତର ବନ୍ଧୁଙ୍କ କହିବା ହିସାବରେ ଏକ ଘଣ୍ଟାରେ ସେ କମ୍‌ସେ କମ୍ ଦଶଟା ପେସେଣ୍ଟ୍ ଦେଖିପାରିବେ। ପ୍ରତ୍ୟେକ ରୋଗୀ ପାଇଁ ପଚାଶ ଟଙ୍କା ପାଉଣା ହିସାବରେ ସେ ଘଣ୍ଟାକରେ ପାଞ୍ଚ ଶହ

ସତ କଥା ବାସ୍ତବ ଜୀବନରେ ଦେଖିବାକୁ ଗଲେ, ଭାରତରେ ସର୍ବାଧିକ ସମୟର ମୂଲ୍ୟବାନ ଉପଯୋଗ ହେଉଛି କେବଳ କ୍ରୀକେଟ୍ ଖେଳାଳୀ ମାନଙ୍କର। ଅନେକେ କହନ୍ତି ଏହି ଖେଳାଳୀ ମାନେ କୁଆଡେ ପଡିଆରେ କମ୍ ଆଉ ଟିଭି ପରଦାରେ ଅଧିକ ସମୟ ଦେଖାଦେଉଛନ୍ତି। ନିକଟ ଅତୀତରେ ମୁଁ ପଢିଥିବା ଏକ ଆକଳନ ଅନୁଯାୟୀ ଏହି କ୍ରୀକେଟ୍ ଖେଳାଳୀ ମାନେ କୁଆଡେ ଖେଳ ଅପେକ୍ଷା ଟିଭିର ବିଜ୍ଞାପନରେ ଅଭିନୟ କରି ଅଧିକ ପଇସା ପାଉଛନ୍ତି।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ଇ-ପତ୍ରିକା ଆହ୍ୱାନ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ଟଙ୍କା ପାଇ ପାରିବେ । ଜନୈକ ଅଧ୍ୟାପକ ବନ୍ଧୁ କହନ୍ତି ସେ ସନ୍ଧ୍ୟାରେ ଗୋଟିଏ ବେସରକାରୀ ଟ୍ୟୁସନ ପଢାଇବାକୁ ଯାଆନ୍ତି, ଏବଂ ପ୍ରତ୍ୟେକ କ୍ଲାସ୍ ପାଇଁ ସେ ପାଆନ୍ତି ଚାରି ଶହ ଟଙ୍କା । କାଛରେ ଚିତ୍ର କରି ପେଟ ପୋଷୁଥିବା ଜଣେ ଚିତ୍ରକର କହନ୍ତି, ଘଣ୍ଟାଏରେ ସେ ଗୋଟିଏ ଚିତ୍ର କରନ୍ତି । ଆଉ ପାଆନ୍ତି ଦୁଇଶହ । ପରିବା ବିକି ପେଟପୋଷୁଥିବା ଜଣେ ପରିବା ବିକାଳି କହିଲେ, ଦିନରେ ସେ ସକାଳ ଆଠରୁ ରାତି ଆଠ ଭିତରେ ସାତ ଆଠ ଶହ ଟଙ୍କାର ବେପାର କରନ୍ତି, ମାନେ ହାରାହାରି ଶହେ ଟଙ୍କା ପ୍ରତି ଘଣ୍ଟା । ଅନ୍ୟମାନଙ୍କୁ ଆମେ ଆମର ଏହି ନିବନ୍ଧ ଭିତରେ ରଖିବା ନାହିଁ କାରଣ ଅନ୍ୟ କାହାର ଆୟ, ବ୍ୟୟ ବିଚାର କରିବା ସମୟ ନାହିଁ ।

ଏବେ ଦେଖିବା ବ୍ରହ୍ମପୁର ଭଳି ଛୋଟିଆ ସହରରେ ବସବାସ କରୁଥିବା ଏକ ଛୋଟ ମଧ୍ୟବିତ୍ତ ପରିବାରର ଦୈନିକ ଆୟ ଓ ବ୍ୟୟର ଅଟକଳ । ଘରେ ରହନ୍ତି ସର୍ବମୋଟ ସାତ ଜଣ । ବୁଢାବାପା, ମା, ସ୍ୱାମୀ, ସ୍ତ୍ରୀ, ଦିଅରଟିଏ ଆଉ ଦୁଇଟା ସନ୍ତାନ । ପରିବା ବ୍ୟବସାୟ କରନ୍ତି । ସକାଳୁ ସଞ୍ଜଯାଏଁ ସବୁ ମିଶି ବ୍ୟାପାର କରନ୍ତି । ଦିନକୁ ହଜାରେ ପାଖାପାଖି ଆୟ ହୁଏ । ବାସ୍ ସେଇତକ ତାଙ୍କର ସମ୍ବଳ । ଜମିବାଡି ନାହିଁ, ନିଜ ଘର ନାହିଁ ବୋଲି ଗୋଟିଏ ଘର ଭଡାରେ ନେଇଛନ୍ତି । ପ୍ରତିଦିନ ସକାଳୁ ସକାଳୁ ଗୋଟିଏ ବେସରକାରୀ ଋଣ ପ୍ରଦାନକାରୀ ସଂସ୍ଥାରୁ ସେମାନେ ଦୁଇରୁ ଚାରିହଜାର ଋଣ ନିଅନ୍ତି । ସଞ୍ଜହେଉ ହେଉ ସେତକ ଫେରାଇ ଦେଇ ବାକି ଲାଭତକ ଘରକୁ ଆଣନ୍ତି । ଆୟକର ଦେବାକୁ ହୁଏନାହିଁ । ବିପିଏଲ୍ ତାଲିକା ଭୁକ୍ତ ହୋଇଛନ୍ତି ବୋଲି ସରକାରୀ ଦୋକାନରୁ କିରୋସିନି, ଚାଉଳ, ଚିନି ସବୁ ମିଳେ । ଶୁଣାଯାଉଛି ସେମାନେ କାଳେ ବ୍ରହ୍ମପୁର ଉପକଣ୍ଠରେ ଚାଳିଶିହାତ ଜାଗା କିଣିଛନ୍ତି । ଏବେ ଏବେ ଘରେ ବସିଥିବା ଶାଶୁବୋହୂ କାଳେ ପାଂପଡ ଓ ଆଚାର ତିଆରି କରୁଛନ୍ତି । ସେଥିରୁ ମାସକୁ ଅତି କମରେ ଚାରିପାଞ୍ଚ ହଜାର ମିଳି ଯାଉଚି ।

ଦେଖିବାକୁ ଗଲେ, ପ୍ରାୟ ସବୁ ଲୋକ ଉଣାଧିକେ ଖୁସିରେ ଅଛନ୍ତି । ଭାରତ ଉନ୍ନତି କରୁଛି । ଦଶବର୍ଷ ତଳେ ଏମିତି ନଥିଲା । ସ୍ୱଚକ୍ଷୁରେ ଦେଖିଥିବା ଲୋକ କହିବେ, ବ୍ରହ୍ମପୁର ବସଷ୍ଟାଣ୍ଡରେ ଠିଆହେଲେ, ଚାରି ଆଡୁ ଭିଖାରୀମାନେ ଘେରି ଯାଉଥିଲେ, ଆଜିକାଲି ଭିଖାରୀ ଦେଖିବାକୁ ମିଳୁନାହାନ୍ତି । ମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ସମସ୍ତେ ସ୍ୱଚ୍ଛଳ ହୋଇଯାଉଛନ୍ତି କହିଲେ ଚଳିବ ।

ସେଦିନ ସନ୍ଧ୍ୟାରେ ବସ୍ଷ୍ଟାଣ୍ଡ ପାଖ ଖଟିରେ ଚା ଖାଉ ଖାଉ ଜଣେ ଭଦ୍ରଲୋକ କହିଲେ ସାଧାରଣ ସ୍କୁଲ୍ର ଶିକ୍ଷୟିତ୍ରୀଟିଏ ହୋଇ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ମାୟାବତୀ ପାଖରେ ଯଦି ୫୦ କୋଟିରୁ ଊର୍ଦ୍ଧ୍ୱ ସଂପତ୍ତି ହୋଇପାରୁଛି, ତେବେ ଆମେ ଭାରତକୁ ଗରିବ କହିବା କାହିଁକି? ଏଇ ଭାରତର କନ୍ୟା ଇନ୍ଦିରା ନୁୟୀ ପ୍ରତି ମିନିଟକୁ ୨୫୦୦ ଟଙ୍କା ଦରମା ପାଉଛି, ଭାରତ ଗରିବ ହେଲା କେଉଁଠି । ବିଶ୍ୱରେ ଯେ କୌଣସି ଦେଶରେ କ୍ରୀକେଟ୍ ହେଲେ ବି ଭାରତୀୟ କଂପାନୀ ମାନେ କୋଟି କୋଟି ଟଙ୍କା ଖଟାଉଛନ୍ତି, ଆମେ ଗରିବ ହେଲେ କେଉଁଠି? ଚାଲ ଆମେ ବି ସମୟ ବିକିବା । ସନ୍ଧ୍ୟାରେ ବସି ଖଟିରେ ସମୟ ନଷ୍ଟ ନ କରି ଟ୍ୟୁସନ୍ କରିବା ।

ଦେଖିବାକୁ ଗଲେ, ପ୍ରାୟ ସବୁ ଲୋକ ଉଣାଧିକେ ଖୁସିରେ ଅଛନ୍ତି । ଭାରତ ଉନ୍ନତି କରୁଛି । ଦଶବର୍ଷ ତଳେ ଏମିତି ନଥିଲା । ସ୍ୱଚକ୍ଷୁରେ ଦେଖିଥିବା ଲୋକ କହିବେ, ବ୍ରହ୍ମପୁର ବସଷ୍ଟାଣ୍ଡରେ ଠିଆହେଲେ, ଚାରି ଆଡୁ ଭିଖାରୀମାନେ ଘେରି ଯାଉଥିଲେ, ଆଜିକାଲି ଭିଖାରୀ ଦେଖିବାକୁ ମିଳୁନାହାନ୍ତି । ମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ସମସ୍ତେ ସ୍ୱଚ୍ଛଳ ହୋଇଯାଉଛନ୍ତି କହିଲେ ଚଳିବ ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଦଶଟା ପିଲା ଧରିଲେ ମାସକୁ ଅତି କମରେ ପାଞ୍ଚହଜାର ମିଳିବ। ସବୁ କିଛି ସମୟ ଚୁପ୍ ହୋଇଗଲେ। ଚନ୍ଦ୍ର କହୁଥିଲା, 'ସତ କଥା ତ। ଜଣେ ପିଲା ପାଞ୍ଚ ଶହ ଦେବ ବୋଇଲେ, ହେଇଯିବ। ଚାଲ ସବୁ ମିଶି ଟ୍ୟୁସନ ଖୋଲିବା। ତୁ ଗଣିତ, ସିଏ ବିଜ୍ଞାନ ଆଉ ମୁଁ ଇଂରାଜୀ ପଢାଇବା। ଦଶ ଜାଗାରେ ଶହେ ପିଲା ହେବେ। ଚାକିରୀ ଆଉ କିଆଁ କରିବା।'

## ରାତି ଆହୁରି ବାକି ଅଛି

ବନ୍ୟାର ଜଳ ତଥାପି କମିନି, ଗାଁ ସ୍କୁଲ୍ ବାରଣ୍ଡାରେ ମଣିଷ ପଶୁ ସବୁ ଏକାଠି ରୁଣ୍ଡ ହୋଇଛନ୍ତି। ଆକାଶକୁ ଚାହିଁ ରହିଛନ୍ତି ସମସ୍ତେ। ସରପଞ୍ଚ କହୁଥିଲେ କାଳେ ସରକାର ଆକାଶରୁ ଆସି ଉଡାଜାହାଜରେ ରିଲିଫ୍ ପକେଇ ଯିବେ। ବର୍ଷା ଛାଡିବାର ଚାରିଦିନ ହେଲାଣି। ପିଇବାକୁ ପାଣି ଟୋପାଟିଏ ବି ନାହିଁ। ଗାଁ ସ୍କୁଲ୍ ମାଷ୍ଟ୍ରେ କିସ ଗୋଟେ ଯନ୍ତ୍ର ଲଗେଇ ପାଣିକୁ ଛାଣି ଦେଉଛନ୍ତି, ଆଉ ସମସ୍ତଙ୍କୁ ସେଇ ପାଣି ପିଇବାକୁ ଦିଆଯାଉଛି। ହେଲେ କେତେ ଅଣ୍ଟିବ। ଦେଡ ଶହରୁ ଉର୍ଦ୍ଧ୍ୱ ଲୋକ ଜମା ହେଇଚନ୍ତି। ମାଷ୍ଟ୍ରଙ୍କୁ ଜ୍ୱର। ଦି ଦିନ ହେଲା ନ ଖାଇ ପିଇ ଲୋକଙ୍କ ସେବାରେ ଲାଗିଛନ୍ତି। ଅଣ୍ଟା ନଇଁବା ବୟସ ହେଲାଣି, ହେଲେ ବଳ କମ ନାହିଁ। ପଚାଶ ବର୍ଷରୁ ଅଧିକ କାଳ ଏଇ ଗାଁରେ ରହିଛନ୍ତି ସେ। କେବେଠୁ ନିଜ ଭିଟାମାଟି ଛାଡି ସେ ଏଇ ଗାଁରେ କାମ କରିଛନ୍ତି। ଏଇ ବନ୍ୟାକୁ ଦେଖି କହୁଥିଲେ, ଏଇଟା କାଳେ କିଛି ନାହିଁ। ସନ ୧୯୭୪ରେ ଯୋଉ ବନ୍ୟା ହେଇଥିଲା ସେଇଟା କାଳେ ଏହି ବନ୍ୟାଠୁ ବଡ ଥିଲା। ସେ କାଳରେ କୁଆଡେ ଯିବା ଆସିବା ପାଇଁ ସୁବିଧାଟେ ବି ନଥିଲା।

ସରପଞ୍ଚ ଆଜ୍ଞା ନିଜ ମୋବାଇଲ୍ ଫୋନ୍‌ରେ କଣ କଣ ସବୁ କଥା ହେଉଚନ୍ତି। କହୁଚନ୍ତି, ଆକାଶରୁ ଖାଦ୍ୟ ପୁଡିଆ ପଡିବ, ସମସ୍ତଙ୍କୁ ମିଳିବ। ଚିନ୍ତା କରିବାର କିଛି ନାହିଁ। ସରପଞ୍ଚ ଘର ଛାତ ଉପରେ ଗାଁର ସାତ ଆଠ ଘର ଲୋକ ଜମା ହେଇଛନ୍ତି। ଯେତେସବୁ ପାର୍ଟିଲୋକ ସବୁ ପରିବାରକୁ ଧରି ସରପଞ୍ଚ ଜଗିଛନ୍ତି। ଗାଁ ଭିତରେ ତଥାପି ଅଣ୍ଟାଏ ପାଣି ଚାଲିଛି। ମାଷ୍ଟ୍ରେ କହିଛନ୍ତି କାଳେ ସାପସୁପା ଥିବେ, ତେଣୁ କେହି ଲୋକ ଏବେ ଗାଁ ଭିତରକୁ ଯିବେନି। ହେଲେ କେତେ ଜଣ ଯାଇ ନିଜ ଆସବାବ ପତ୍ର ଦେଖାଶୁଣା ଆରମ୍ଭ କଲେଣି। ହେଲେ ଆକାଶରୁ ଖାଦ୍ୟ ପୁଡିଆ ପଡିବ ଶୁଣି ସବୁ ଆସି ଗାଁ ସ୍କୁଲ୍ ବାରଣ୍ଡାରେ ଜମା ହେଇଚନ୍ତି।

ମାଷ୍ଟ୍ରେ କହିଲେ, ଆକାଶରୁ ଖାଦ୍ୟ ପୁଡିଆ ପଡିଲା ବେଳକୁ କେହି ବି ବାହାରକୁ ବାହାରିବ ନାହିଁ, ନହିଲେ ମୁଣ୍ଡରେ ପଡିଗଲେ ମୁଣ୍ଡ ଟା ଦି'ଫାଳ ହେଇ ଦହି ବାହାରି ଯିବ। ସରପଞ୍ଚଘରୁ ଚାଉଳ ଆସି ରୋଷେଇ ଚାଲିଛି। ସାତ ଦିନ ହେଲାଣି, କେତେ ଆଉ ଚାଉଳ କୁଆଡୁ ଆସିବ। କୋଠଘରେ ଯାହା ଚାଉଳ ଥିଲା, ସେଥିରେ କାଳେ ପାଣି ପଶିଗଲା ବୋଲି ରଇତ ଜଣେ ପହଁରି ପହଁରି ଆସି କହିଲା। ମୁଣ୍ଡ ଉଚରେ ପାଣି ଚାଲୁଛି, କିଏ ସାହାସ କରିବ ଯାଇ କି ସେଇଠୁ ଚାଉଳ ଆଣିବା ପାଇଁ। ସ୍କୁଲ୍ କାନ୍ଥରେ ଟଙ୍ଗା ହେଇଥିବା କଳାପଟାକୁ ଦିଟା କାଠ ଫାଳିଆରେ ବାନ୍ଧି ମାଷ୍ଟ୍ରେ ବାହାରି ପଡିଲେ। ପଛେ ପଛେ ଦି ଜଣ ରଇତ ପହଁରି ପହଁରି ଯାଉଛନ୍ତି। କୋଠଘର କବାଟ ଡେଇଁ ଭିତରକୁ ଗଲାପରେ ତାଳଗଛ ଦଣ୍ଡା ଦିଟା ପଡିଥିଲା, ମାଷ୍ଟ୍ରେ ତାକୁ ଆଣି କଳାପଟାରେ ବାନ୍ଧିଲେ। କୋଠ ପିଣ୍ଡ ଉପରକୁ ଉଠିଗଲାପରେ ପାଣି ଆଉ

ସରପଞ୍ଚ ଆଜ୍ଞା ନିଜ ମୋବାଇଲ୍ ଫୋନ୍‌ରେ କଣ କଣ ସବୁ କଥା ହେଉଚନ୍ତି । କହୁଚନ୍ତି, ଆକାଶରୁ ଖାଦ୍ୟ ପୁଡିଆ ପଡିବ, ସମସ୍ତଙ୍କୁ ମିଳିବ । ଚିନ୍ତା କରିବାର କିଛି ନାହିଁ । ସରପଞ୍ଚ ଘର ଛାତ ଉପରେ ଗାଁର ସାତ ଆଠ ଘର ଲୋକ ଜମା ହେଇଛନ୍ତି । ଯେତେସବୁ ପାର୍ଟିଲୋକ ସବୁ ପରିବାରକୁ ଧରି ସରପଞ୍ଚ ଜଗିଛନ୍ତି । ଗାଁ ଭିତରେ ତଥାପି ଅଣ୍ଟାଏ ପାଣି ଚାଲିଛି । ମାଷ୍ଟ୍ରେ କହିଛନ୍ତି କାଳେ ସାପସୁପା ଥିବେ, ତେଣୁ କେହି ଲୋକ ଏବେ ଗାଁ ଭିତରକୁ ଯିବେନି ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ନିଃଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ନଥିଲା। କୋଠଘର ତାଲାର ଚାବି ଆଣିବା ଭୁଲିଯାଇଥିଲେ। ରଇତ କହିଲା, ଯାଇକି ନେଇ ଆସିବ, ମାଷ୍ଟ୍ରେ କହିଲେ ଥାଉ, ପଥରରେ ଭାଙ୍ଗିଦେବା। ଆଗ ପ୍ରାଣ ବଞ୍ଚାଇବା।

କୋଠଘର ଭିତରେ ଉପର ଆଡକୁ ଥିଲା ଚାରିଟା ଚାଉଳ ବସ୍ତାକୁ କଳାପଟା ଡଙ୍ଗାରେ ଧରି ମାଷ୍ଟ୍ରେ ଆସି ପହଞ୍ଚିଲେ ସ୍କୁଲ୍ ବାରଣ୍ଡାରେ। ରୋଷେଇ ଆରମ୍ଭ ହେଲା। ମାଷ୍ଟ୍ରଙ୍କୁ ଶୀତ ହେଉଛି ବୋଲି, ସେ ନିଜର ଛିଡା କମ୍ବଳ ଘୋଡେଇ ହେଡ୍ ଆଜ୍ଞାଙ୍କ କୋଠରୀରେ ଚେୟାର ଉପରେ ବସିପଡିଲେ। ରୋଷେଇ ସରି ସବୁ ଖାଇବାକୁ ବସିଲେ। କିଏ ଜଣେ ଆଜ୍ଞା ଖାଇବେ ଆସନ୍ତୁ ବୋଲି କହିଲା ପରେ ସେ ଉଠୁଥିଲେ, ହେଲେ ଅଣ୍ଟାକୁ ଧରି ପୁଣି ବସିଗଲେ, କହିଲେ ତୁମେ ସବୁ ଖାଅ, ମୁଁ ଟିକେ ପରେ ଯିବି।

ଗାଁ ଲୋକ ଖାଇବା ସାରିଲେଣି। ସରପଞ୍ଚବାବୁ ଠିଆ ହେଇ ସବୁ ଲୋକଙ୍କ ଖିଆପିଆ କଥା ବୁଝୁଥିଲେ। ମାଷ୍ଟ୍ରଙ୍କ ପାଇଁ ମୁଠାଟେ ଭାତ ରଖିଥାରେ ବୋଲି ସରପଞ୍ଚବାବୁ କହୁଥିଲେ। କିଏ ଜଣେ ପିଲା ଭିତରୁ କହୁଥିଲା, ମାଷ୍ଟ୍ରେ ଶୋଇପଡିଲେ ପରା ଜମା ଶୁଣୁନାହାନ୍ତି। ବୁଢାଲୋକ ସକାଳୁ ସକାଳୁ କେତେ ପରିଶ୍ରମ କରିଚନ୍ତି ଶୋଇପଡିଥିବେ ପରା। ଦିପହର ଯାଇ ସଞ୍ଜ ହେଲାଣି, କାଇଁ ଆକାଶରୁ କିଛି ରିଲିଫ୍ ମିଳିଲା ନାହିଁ। ରେଡିଓ ଲଗେଇ ଶୁଣୁଥିଲେ କେତେ ଲୋକ, ସରକାର କହୁଥିଲେ, ବନ୍ୟା କାଳେ ଛାଡିଗଲାଣି। ଅବସ୍ଥା ସୁଧୁରୁଛି। ଆଉ ରିଲିଫ୍ ଆସିବନି। ଗାଁ ଲୋକେ ସରପଞ୍ଚଙ୍କ ମୁହଁକୁ ଚାହୁଁଥିଲେ। ବନ୍ୟା ଛାଡିଗଲାଣି??? ସବୁ ଏଇ କଥା ପଚାରୁଥିଲେ। ମୁଣ୍ଡରେ ହାତ ଦେଇ ସରପଞ୍ଚବାବୁ ବସିଥିଲେ। କୁଆଡେ ବାବୁଙ୍କ ମୋବାଇଲ୍‌ରେ ପଇସା ସରିଯାଇଥିଲା ଯେ ଫୋନ୍ କରି ପାରୁନଥିଲେ। ମାଷ୍ଟ୍ରେ ଆଜ୍ଞା କାହିଁକି ଖାଇଲେନି ବୋଲି କେହି ଜଣେ କହୁଥିଲା। ରଇତ ଅଫିସ ଘର ଭିତରକୁ ଯାଇ ଫେରି ଆସିଲା। ମାଷ୍ଟ୍ରେ ଆଉ ନାହାନ୍ତି।

ଗାଁ ଲୋକ ଆଁ କରି ଅନେଇ ରହିଥିଲେ। ଆକାଶରୁ ଛୋଟବଡ ଟୋପା ପାଣି ପଡିବା ଆରମ୍ଭ ହେଇଗଲା। ଗାଁର ବୁଢାଜଣେ କହୁଥିଲା, ଭଗବାନେ ପୁଷ୍ପ ବୃଷ୍ଟି କରୁଚନ୍ତି। ଦେଖୁ ଦେଖୁ ପାଣିଟୋପାର ଆକାର ଆଉ ବେଗ ବଢିବାକୁ ଲାଗିଲା। ଲୋକମାନେ ଗାଁ ଦାଣ୍ଡରେ ପାଣିସୁଅକୁ ଦେଖୁଥିଲେ। ଅନ୍ଧାର ହେଇ ଆସୁଥିଲା। ଓଦାକାଠ ବିଡାଏ ଧରି ସରପଞ୍ଚ ଆଜ୍ଞା ଆଗରେ ଯାଉଥିଲେ, ଦୂରରୁ 'ରାମ ନାମ ସତ୍ୟ ହେ' ଶୁଭୁଥିଲା।

ଗାଁ ଲୋକ ଆଁ କରି ଅନେଇ ରହିଥିଲେ। ଆକାଶରୁ ଛୋଟବଡ ଟୋପା ପାଣି ପଡିବା ଆରମ୍ଭ ହେଇଗଲା। ଗାଁର ବୁଢାଜଣେ କହୁଥିଲା, ଭଗବାନେ ପୁଷ୍ପ ବୃଷ୍ଟି କରୁଚନ୍ତି। ଦେଖୁ ଦେଖୁ ପାଣିଟୋପାର ଆକାର ଆଉ ବେଗ ବଢିବାକୁ ଲାଗିଲା। ଲୋକମାନେ ଗାଁ ଦାଣ୍ଡରେ ପାଣିସୁଅକୁ ଦେଖୁଥିଲେ। ଅନ୍ଧାର ହେଇ ଆସୁଥିଲା। ଓଦାକାଠ ବିଡାଏ ଧରି ସରପଞ୍ଚ ଆଜ୍ଞା ଆଗରେ ଯାଉଥିଲେ, ଦୂରରୁ 'ରାମ ନାମ ସତ୍ୟ ହେ' ଶୁଭୁଥିଲା।

## ଦଙ୍ଗା ଚାଲିଛି

କାଖରେ ଧରି ଅନ୍ଧାର ବାଟରେ ଚାଲୁଥିବା ସ୍ତ୍ରୀଲୋକ ଟାଏ ଦେଖି ହଠାତ୍ ଆମ ଗାଡିର ଚାଳକ ଚମକି ପଡିଥିଲା। କଳାପଟାଠାରୁ ଅଧିକ ମଚମଚିଆ କଳା ଦିଶୁଥିବା ସେହି ସ୍ତ୍ରୀ ଲୋକ କାନ୍ଧରେ ବର୍ଷେ ଦେଢ ବର୍ଷର ଶିଶୁକୁ ଦେଖିଲେ କେହି ବି ଡରିଯିବ। ଚାରି ଆଡ ଅନ୍ଧାର। ଗାଡି ପଛରୁ ନିଦୁଆ ଆଖି ମଳି ମଳି ବିପିନ ଦେଖିଲା, ସେ ସ୍ତ୍ରୀ ଲୋକକୁ ଦେଖି ଚିଲ୍ଲେଇ କରି କିଛି କହିଲା, ସେଇ ସ୍ତ୍ରୀ ଲୋକଟି ମଧ୍ୟ ତା'ର ଉତ୍ତର ଦେଲା। ଆଗାମୀ ସମୟରେ ସେଇ ସ୍ତ୍ରୀଲୋକକୁ ଆମ ଗାଡିରେ ସ୍ଥାନ ଦେବାକୁ ଆମେ ବାଧ୍ୟ ହେଲୁ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ଦୀର୍ଘ ପାଞ୍ଚଦିନର ଯାତ୍ରା ଭିତରେ ଆଜିର ଏ ଘଟଣା ସବୁଠାରୁ ନିଆରା ଥିଲା। ବଲାଙ୍ଗୀର, ବଉଦ ଦେଇ ଗଞ୍ଜାମ ଫେରିବା ରାସ୍ତାରେ ଏଇ ଘଟଣା ଘଟିଥିଲା, ଫୁଲ୍‌ବାଣୀ ପୂର୍ବରୁ ପଡୁଥିବା ରାଣୀପଥର ଘାଟ ପାର୍ଶ୍ୱରେ। ଶୁଷ୍କ ଶରୀରରୁ ଟୋପାଏ କ୍ଷିର ନିଗାଡି ପିଇବା ପାଇଁ ଶିଶୁଟାର ଚେଷ୍ଟା ହାର ମାନୁଥିବା କଙ୍କାଳ ପ୍ରାୟ ଦେଖା ଯାଉଥିବା ତା ମା' ଆଗରେ। ଗାଡିରେ ଥିବା ଚା ତୋକେ ସ୍ତ୍ରୀଲୋକ ଆଡକୁ ବଢେଇ ଦେଲା ବିପିନ। ବିପିନ ଏଇ ଫୁଲବାଣୀ ପିଲା। ପିଲାଟି ଦିନରୁ ଏଇଠି ବଢିଥିଲା। ବେଉସା କରିବା ପାଇଁ ସୁଦୂର ବ୍ରହ୍ମପୁରରେ ଯାଇ ରହୁଛି ସିନା, ହେଲେ ଗାଁ ମମତା ହୃଦରୁ ତୁଟିନି। ବିପିନ ବୁଝିଥିଲା ସେ ସ୍ତ୍ରୀଲୋକ କଥା ଆଉ ଆମକୁ ବୁଝାଇ ଦେଉଥିଲା।

'ଗାଁରେ ନିଆଁ ଲାଗିଚି। ଯିଏ ଯାହାକୁ ଦେଖୁଚି ହାଣୁଚି କାଟୁଚି। ଗାଁ ମୁଣ୍ଡରେ ଚର୍ଚ୍ଚଘରେ ନିଆଁ ଲଗେଇଦେଲେ। ହରିଜନ ପଡାରେ ପଶି ଦିଟା ଜୁଆନ୍ ଟୋକାକୁ ସବୁଲୋକ ଆଗରେ ମଣିଷ ବିଷ୍ଠା ଖୁଆଇଦେଲେ। ଦାନ୍ତ ଭାଙ୍ଗିଦେଲେ। ଆହୁରି ଦଶ ବାରଜଣଙ୍କୁ ଗୋବର ପାଣି ପିଆଇ ହିନ୍ଦୁ କରାଇଲେ। ଜୁଏଲୀ (ସେ ସ୍ତ୍ରୀଲୋକ)ର ମରଦକୁ ଉଠେଇ ନେଇ ପଳାଇଚନ୍ତି। କିଏ କହୁଚି, ହାଣିଦେବେ, ମାରିଦେବେ, ନଇଲେ ହାତଗୋଡ ଭାଙ୍ଗି ଫୋପାଡି ଦେବେ। ଜୁଏଲୀର ସ୍ୱାମୀ କୁରେଶୁ ଗାଁରେ ବଡ ଲୋକ ଥିଲା। ଦୋକାନ ଘରଟେ କରିଥିଲା, ହେଲେ ଯେଉଁଦିନୁ ଦଙ୍ଗା ଆରମ୍ଭ ହେଲା, ସେ ଘରେ ଲୁଚିଲା। ଦୋକାନଘରୁ ସବୁ ଲୁଟି ନେଇ ନିଆଁ ଲଗେଇ ଦେଇଥିଲେ। ଗୋଟେ ପିଲାକୁ ଧରି ଜୁଏଲୀ ଫୁଲବାଣୀ ପାଖରେ ଥିବା ତୁଡିପାଜୁ ଗାଁକୁ ଯାଉଚି। ସେଇଠି ପିଲାକୁ ରଖିଦେଲେ ତା'ଚିନ୍ତା ଯିବ। ପୁଣି ସେ ଗାଁକୁ ଫେରି ନିଜ ସ୍ୱାମୀକୁ ଖୋଜିବ।

ଘାଟି ସରିଗଲା। ଦୂରରୁ ଶୋଇଥିବା ଫୁଲବାଣୀ ସହର ଆକାଶରେ ତାରା ଡିମ୍ ଡିମ୍ କଲାପରି ଦେଖାଯାଉଥିବା ଆଲୋକ। ଜୁଏଲୀ କହିଲା, ସେ ଓହ୍ଲାଇ ଯିବ। ନଇଲେ, ଲୋକେ ତାକୁ ଧରିଦେବେ ଆଉ ଆମ ସମସ୍ତଙ୍କ ଜୀବନ ବିପନ୍ନ ହେବ। ଗାଡି ସାମନାରେ ବସିଥିଲେ ବଡବାବୁ ଡ୍ରାଇଭରକୁ କହିଲେ, ଜୁଏଲୀକୁ ତା ଗାଁ ପାଖରେ ଛାଡିଦେବା। ଡ୍ରାଇଭର ଗାଡିକୁ ମୁଖ୍ୟରାସ୍ତାରୁ କାଡିନେଇ କଚ୍ଚା ରାସ୍ତାରେ ଚାଲିଲା। ଜୁଏଲୀ ବାଟ କଢେଇ କଢେଇ ନେଇ ଯାଉଥାଏ। ପ୍ରାୟ ଦଶ କିଲୋମିଟର ଗଲାପରେ ଶୋଇଥିବା ଏକ ଗାଁରେ ପହଞ୍ଚିଲୁ। ଆମ ଗାଡିଦେଖି ଦାଣ୍ଡବାରଣ୍ଡାରେ ଶୋଇଥିବା କିଛି ଲୋକ ତରବରରେ ଉଠି ଘର ଭିତରକୁ ଚାଲିଗଲେ। ଜୁଏଲୀ ଉଠି ଡାକ ପକାଇଲା। ଗୋଟିଏ ଘରୁ ସ୍ତ୍ରୀଲୋକ ଜଣେ ଆସି ତା'ସହ କଣ ସବୁ କଥା ହେଲା। ବିପିନ କହୁଥିଲା, କାଳେ ସେ କହୁଥିଲା ତୁ କାହିଁକି ଆସିଲୁ। ନିଜ ଗାଁରେ ରହିଥାଆନ୍ତୁ। ହେଲେ ଜୁଏଲୀର କାନ୍ଦ ଦେଖି ତା ହାତଟାଣି ଟାଣି ନେଇ ଚାଲିଗଲା। ଆମେ ଗାଡି ଫେରାଇ ପୁଣି ଫୁଲବାଣୀ ରାସ୍ତାରେ ବାହାରି ପଡିଲୁ। ବଡବାବୁ ଭାରୀ ଖୁସିଥିଲେ। ଯା'ହେଉ କାହାକୁ ସାହାଯ୍ୟ କରିବା କେଡେ ପୂଣ୍ୟର କାମ।

ଫୁଲବାଣୀ ଆସିବାକୁ ଆହୁରି ଦୁଇ କିଲୋମିଟର ଅଛି, ଅଚାନକ ରାସ୍ତା କଡରେ ଏକ ଅଭାବନୀୟ କାଣ୍ଡ ଦେଖି ଦେହ ଥରିଗଲା। ତଳେ ପଡିଥିବା ଜଣେ ଲୋକ ଉପରେ ତିନି ଚାରିଜଣ ଲୋକ ନାତଗୋଇଠା

'ଗାଁରେ ନିଆଁ ଲାଗିଚି। ଯିଏ ଯାହାକୁ ଦେଖୁଚି ହାଣୁଚି କାଟୁଚି। ଗାଁ ମୁଣ୍ଡରେ ଚର୍ଚ୍ଚଘରେ ନିଆଁ ଲଗେଇଦେଲେ। ହରିଜନ ପଡାରେ ପଶି ଦିଟା ଜୁଆନ୍ ଟୋକାକୁ ସବୁଲୋକ ଆଗରେ ମଣିଷ ବିଷ୍ଠା ଖୁଆଇଦେଲେ। ଦାନ୍ତ ଭାଙ୍ଗିଦେଲେ। ଆହୁରି ଦଶ ବାରଜଣଙ୍କୁ ଗୋବର ପାଣି ପିଆଇ ହିନ୍ଦୁ କରାଇଲେ। ଜୁଏଲୀ (ସେ ସ୍ତ୍ରୀଲୋକ)ର ମରଦକୁ ଉଠେଇ ନେଇ ପଳାଇଚନ୍ତି। କିଏ କହୁଚି, ହାଣିଦେବେ, ମାରିଦେବେ, ନଇଲେ ହାତଗୋଡ ଭାଙ୍ଗି ଫୋପାଡି ଦେବେ।

Sep 2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ବର୍ଷେଇ ଚାଲୁଥିଲେ। ଆମ ଗାଡିକୁ ପାଖକୁ ଆସିବା ଦେଖି ସେମାନେ ଦଉଡି ଚାଲିଗଲେ। ଲୋକଟାକୁ ଅତି ନିର୍ଦ୍ଦୟ ଭାବରେ ପିଟିଥିଲେ ଦୁର୍ବୃତ୍ତ ମାନେ। ଆମ ଗୋଡ ତଳେ ପଡି କହିଲା, 'ଆଜ୍ଞା ମୋତେ ରକ୍ଷା କରନ୍ତୁ ଆଜ୍ଞା।' ତା'କୁ ଉଠେଇ ଗାଡିରେ ପକାଇଲୁ। ଫୁଲବାଣୀ ମୁଖ୍ୟ ରାସ୍ତାରେ ଯାଉଥିବା ସମୟରେ ବହୁତ ଗୁଡାଏ ପୋଲିସ ଗାଡି ଦେଖିଲୁ। ହାସପାତାଳ ପାଖରେ ଗାଡି ଅଟକାଇ ଲୋକଟାକୁ ସେଇଠି ଜଏନ୍ କରାଇବାକୁ ନେଲା ବେଳକୁ ସେ ଆଉ ନଥିଲା। ରାତି ତିନ୍‌ଟା ହେଲାଣି। କେତେ ଥର ଏଇ ରାସ୍ତାଦେଇ ଆମେ ଯାଇଛୁ ଆସିଛୁ, ହେଲେ କେବେ ବି ଏତେ ନିଃସହାୟ ଅନୁଭବ କରି ନଥିଲୁ।

ଫୁଲବାଣୀରୁ ବାହାରି ଆସିଲା ବେଳକୁ ସହର ଉପକଣ୍ଠରେ ହିଁ ଗୋଟିଏ ଚର୍ଚ୍ଚ ଉପରେ କିଛି ଲୋକ ତେଲ ପକାଇ ନିଆଁ ଲଗାଇ ଥିବା ଦେଖିଲୁ। ବଡବାବୁ ଉତ୍ୟକ୍ତ ହୋଇ ସେଇ ଆଡକୁ ଗାଡି ନେବାକୁ କହୁଥିଲେ, ହେଲେ ଡ୍ରାଇଭର ମନା କରିଦେଲା। ସେଠାରୁ ଠିକ୍ କେଇ ମିଟର ଦୂରରେ ପୋଲିସ ଗାଡିଟାଏ ଥିବାର ଦେଖିଲୁ। ନିକଟରେ ହିଁ ଚର୍ଚ୍ଚରେ ନିଆଁ ଲଗାଯାଉଥିଲା ବେଳେ, ପୋଲିସ ଅସହାୟ ଭଳି ଦେଖୁଥିବା ଦୃଶ୍ୟ ନିଶ୍ଚୟ ଭାବରେ ଯାହାର ବି ରକ୍ତକୁ ତତାଇ ଦେବ। ବଡବାବୁ ଗାଡିରୁ ଓହ୍ଲାଇ ପଡି ଉପସ୍ଥିତ ପୋଲିସ ସହ ବଚସା ଆରମ୍ଭ କରିଦେଇଥିଲେ। ରାତି ସାରା ଡ୍ୟୁଟି କରି କରି ଥକି ପଡିଥିବା ଜଣେ କନେଷ୍ଟବଳ କହିଲା, 'ଆଜ୍ଞା ଦି ରାତି ଶୋଇନି। ଘରକୁ ଶୀଘ୍ର ନ ଫେରିଲେ ମୋ ଡେଡ୍ ବଡି ନେବାକୁ କେହି ନାହାନ୍ତି। ସେଇଠାକୁ ଗଲେ ସେମାନେ କଣ ଛାଡିବେ? ଟିକିଟିକି କରି କାଟିଦେବେ ନଇଲେ, ଗଳା କାଟି ମରିବା ପାଇଁ ଛାଡିଦେବେ ଅଥବା ନିଆଁରେ ଫୋପାଡି ଦେବେ। ସରକାର କାମ ଦେଇଛନ୍ତି କରୁଛୁ। ସକାଳ ହେଲେ ଯାଏ ଗାଡି ଘେରାଏ ବୁଲି ଆସିବ। ଯିଏ ଡ୍ୟୁଟିରେ ଥିବ ସେ ଯିବ। ହାତରେ ଏଇ ପାଞ୍ଚ ଫୁଟିଆ ବାଡି ଟେ ଧରି କାହାକୁ ମୁକାବିଲା କରିବୁ।

ଏଇ ସମୟରେ ଆମ ଗାଡିଠାରୁ ସାମାନ୍ୟ କେଇ ହାତ ଦୂରରେ ଗୋଟିଏ ବୋତଲ ଆସି ପଡିଲା, କଣ ହେଉଛି ଭାବିବା ପୂର୍ବରୁ ପ୍ରଚଣ୍ଡ ଶବ୍ଦ କରି ଆଲୋକ ଝଲସାଇ ବିସ୍ଫୋରଣ ହେଇଗଲା। ଦେଖୁ ଦେଖୁ ସ୍ଥାନଟା ନିର୍ଜୀବ ହେଇଗଲା। ପୋଲିସ ଗାଡିର ଛାତରେ ନିଆଁ ଲାଗି ଯାଇଥିଲା। ଦି ଜଣ କନେଷ୍ଟବଳ ସେଇ ବୋମା ବିସ୍ଫୋରଣରେ ଆହତ ହେଇ ପାଣି ଆଡକୁ ଧାଉଁଥିଲେ। ଜଣେ କନେଷ୍ଟବଳର ହାତଟେ ଖଣ୍ଡିଆ ହେଇ ସେଇଠି ପଡିଥିଲା। ସୌଭାଗ୍ୟ ବଶତଃ ବଡବାବୁ ବଞ୍ଚିଯାଇଥିଲେ, ଅବଶ୍ୟ ଶରୀରର ଷାଠିଏ ଭାଗ ଜଳିଯାଇଥିଲା। ଆମେ ସବୁ ଗାଡି ଭିତରେ ବସିଥିଲୁ ବୋଲି ବଞ୍ଚିଗଲୁ। ହେଲେ ସେଇ ଦୁର୍ଭାଗ୍ୟବାନ କନେଷ୍ଟବଳ ଆଉ ନଥିଲା। ଗାଡିର ଡ୍ରାଇଭର ତୁରନ୍ତ ଆମ ଗାଡିକୁ ସେଇଠୁ ବାହାର କରି ନେଇ ଆସିଲା। କିଛି ବାଟ ଆସିବାପରେ ଗାଡି ଅଟକାଇ ବଡବାବୁଙ୍କୁ ମଲମପଟି ଲଗାଇଲୁ। ଗାଡିର ପଛ ଡାଲାରେ ଶୁଆଇ ଦେଇ ଆମେ ଏକ ମୁହାଁ ହେଇ ବ୍ରହ୍ମପୁର ଚାଲି ଆସିଲୁ। ହେଲେ ସେ ରାତିର ଅନୁଭୂତି ଭୂଲି ପାରିଲୁ ନାହିଁ। କାହିଁକି ମନୁଷ୍ୟ ଦଙ୍ଗାକରେ। ହତ୍ୟା କରେ। ଜଣେ ବୟୋବୃଦ୍ଧ ସମାଜସେବୀଙ୍କ ହତ୍ୟାରେ ସାମିଲ କେହି ଅଜଣା ଆତତାୟୀକୁ କୌଣସି ଏକ ଜାତି ବା ଧର୍ମ ସହ ସଂପୃକ୍ତ କରାଇ ସେହି ଜାତିକୁ ନିଷିଦ୍ଧ କରିବା କଣ ମନୁଷ୍ୟତ୍ୱ???

ଏଇ ସମୟରେ ଆମ ଗାଡିଠାରୁ ସାମାନ୍ୟ କେଇ ହାତ ଦୂରରେ ଗୋଟିଏ ବୋତଲ ଆସି ପଡିଲା, କଣ ହେଉଛି ଭାବିବା ପୂର୍ବରୁ ପ୍ରଚଣ୍ଡ ଶବ୍ଦ କରି ଆଲୋକ ଝଲସାଇ ବିସ୍ଫୋରଣ ହେଇଗଲା। ଦେଖୁ ଦେଖୁ ସ୍ଥାନଟା ନିର୍ଜୀବ ହେଇଗଲା। ପୋଲିସ ଗାଡିର ଛାତରେ ନିଆଁ ଲାଗି ଯାଇଥିଲା। ଦି ଜଣ କନେଷ୍ଟବଳ ସେଇ ବୋମା ବିସ୍ଫୋରଣରେ ଆହତ ହେଇ ପାଣି ଆଡକୁ ଧାଉଁଥିଲେ। ଜଣେ କନେଷ୍ଟବଳର ହାତଟେ ଖଣ୍ଡିଆ ହେଇ ସେଇଠି ପଡିଥିଲା।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

Sep 2008
ନି:ଶୁଳ୍କ ପ୍ରସାରଣ ନିମିତ୍ତ
ସେପ୍ଟେମ୍ବର ୨୦୦୮ ସଂସ୍କରଣ
www.aahwaan.com
ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଇ-ପତ୍ରିକା ଆହ୍ୱାନ
ଓଡିଆ ଭାଷାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାପରବର୍ତ୍ତୀ ସମୟରେ ହେଇଥିବା ବିପୁଳ ନର ସଂହାର କେବଳ ଏକ ରାଜନୈତିକ ଦ୍ୱେଷ କହିଲେ ଚଳିବ ନାହିଁ, ମନୁଷ୍ୟର ମନୁଷ୍ୟତ୍ୱ କେଉଁଠି ରହିଛି। ଆମକୁ କେହି କହିବ ଆମେ କାହାର ହତ୍ୟା କରିଦେବା। ମନୁଷ୍ୟ ଜୀବନର କଣ ଏତିକି ମୂଲ୍ୟ???

ଯଦି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାଣ୍ଡ ଏତେ ବଡ ଘଟଣା ହୋଇଗଲା, ତେବେ ବୋଧ ହୁଏ ଆପଣ ମାନଙ୍କୁ ମନେ ଥିବ ଦିନେ ରୂଢ଼ିବାଦୀ ହିନ୍ଦୁଗୋଷ୍ଠୀମାନେ ଜନୈକ ଖ୍ରୀଷ୍ଟିଆନ୍ ପାଦ୍ରୀ ଗ୍ରାହମ୍ ଷ୍ଟେନ୍ସ୍‌ଙ୍କୁ ତାଙ୍କର ସନ୍ତାନ ମାନଙ୍କ ସମେତ ଶୋଇଥିବା ସମୟରେ ଗାଡିଭିତରେ ନିଆଁ ଲଗାଇ ହତ୍ୟା କରିଦେଇଥିଲେ। କାହିଁ ସେତେବେଳେ ତ ନୈତିକତାର ଦ୍ୱାହୀ ଦେଇ କେହି ସମାଜସେବୀ ଆଗକୁ ଆସିନଥିଲେ। କଣ ସଂଖ୍ୟାଲଘୁ ହେବା ଏ ଦେଶରେ ଏତେବଡ ଅପରାଧ। ଆମ ସବୁ ଏତେ ଅସହିଷ୍ଣୁ??? ଭାରତୀୟ ଗଣତନ୍ତ୍ର ଆମକୁ ସମସ୍ତଙ୍କୁ ସମ୍ମାନ ଦେବା ଶିଖାଉଛି, କଣ ଏହି ହତ୍ୟା ସବୁ ତାହାର ଉଦାହରଣ???

## ଧନ୍ୟବାଦ

ଜୀବନ ପୁଣି ମରଣ, ସଂସାର ଅଲିଭା ସତ୍ୟ। କେହି ଏହାଠୁ ବଳି ନାହାନ୍ତି, ଏବଂ ବୋଧହୁଏ ଏଇଥି ପାଇଁ ହିଁ ଦୁନିଆରେ ଯାହା କିଛି ହେଉଛି। ବିବାହ, ସନ୍ତାନ ଜନ୍ମ, ପୁଣି ବିବାହ। ଦେବୀ ଦେବତାଙ୍କ ଆବିର୍ଭାବ ବୋଧହୁଏ ଏଇଥି ପାଇଁ ହିଁ ହୋଇଥିବ। ନିଶ୍ଚୟ ଭାବରେ ଯେଉଁଦିନ ମାନବ ଜାଣିଥିବ ଯେ ମରଣ ସୁନିଶ୍ଚିତ, ସେଇ ଦିନ ସେ ନିଜର ମରଣରୁ ରକ୍ଷା ପାଇବା ପାଇଁ ଅନ୍ୟର ଶରଣ ଯାଇଥିବ। ସେଇଠୁ କେହି ଜଣେ ଏହି ଭଗବାନଙ୍କୁ ଧରିତ୍ରୀ ଉପରକୁ ଆଣିଥିବ। ନିଜ ସ୍ୱପ୍ନରୁ ସତ୍ୟକୁ ଆଣିବା ପରେ ଏହି ଦେବୀ ଦେବତାଙ୍କ ସଂସାର ବଢିବାକୁ ଅନେକ ଶତାବ୍ଦୀର ସମୟ ଲାଗିଥିବ।

ହିନ୍ଦୁ ଧର୍ମରେ ବିଶ୍ୱାସ କରୁଥିବା ଲୋକମାନେ ମୃତ୍ୟୁ ପରେ ଜୀବନ ଉପରେ ବିଶ୍ୱାସ ରଖନ୍ତି ଏବଂ ସେଇଥି ପାଇଁ ଭୂତପ୍ରେତ ଆଉ ପିଶାଚ ଆଦିର କାହାଣୀ ସବୁ ଗଢା ହେଇଚି। ପୁନର୍ଜନ୍ମ ସମ୍ବଳିତ ଅନେକ ଚଳଚ୍ଚିତ୍ର ଦେଖି ଦେଖି ଆମ ସମାଜ ବଢିଚି। ଆଜି ବି ସ୍ଥାନେ ସ୍ଥାନେ ନବଜନ୍ମ ଓ ପୁନର୍ଜନ୍ମ ବିଷୟରେ ଅନେକ କଥା ଶୁଣିବାକୁ ମିଳେ। ଜୀବଦଶାରେ ମନୁଷ୍ୟ ବାରମ୍ବାର ଜୀବନ ପାଏ ଏବଂ ହରାଏ। ଜନ୍ମିତ ଶିଶୁଟିଏ ଶୈଶବରୁ ବିଦାୟ ନେଇ ଯୌବନରେ ପଦାର୍ପଣ କରିଥାଏ, ଏବଂ ଏହାପରେ ଗୃହସ୍ଥ ଏବଂ ପରେ ପରେ ବାର୍ଦ୍ଧକ୍ୟ ଅବସ୍ଥା ଭୋଗକରେ। ଆମର ସମସ୍ତ କର୍ମର ଫଳ ଆମକୁ ଏହି ଜନ୍ମରେ ହିଁ ଭୋଗିବାକୁ ପଡିବ।

ସୁକର୍ମ କଲେ ସୁଫଳ ସୁନାମ ପ୍ରାପ୍ତି ହେଉଥିବ, ଆଉ ଦୁଷ୍କର୍ମ କଲେ ଦୁର୍ନାମ ମିଳିବ। କଥାରେ ଅଛି, 'ବାବୁଲ ଗଛ ଲଗାଇବ କଣ୍ଟା କେହୁଁ ନ ପାଇବ।' ଆମ୍ବ ଗଛଟିଏ ଲଗାଇଲେ ଆମ୍ବ ପାଇବା, ଖଜୁରୀ ଲଗାଇଲେ ଖଜୁରୀ, ସେମିତି କଣ୍ଟା ଗଛଟିଏ ଲଗାଇଲେ କଣ୍ଟା ପାଇବା। ପ୍ରତ୍ୟେକ ପଦାର୍ଥକୁ ଦେଖିବାର ଦୃଷ୍ଟିକୋଣ ଅଲଗା ଅଲଗା ହୋଇପାରେ। କଣ୍ଟାଗଛଟିଏ ବି ବେଳେ ବେଳେ କାମରେ ଆସେ। ଯଦି ଆପଣଙ୍କ ବାଡି ବଗିଚା ଗୋଚର ହୋଇରହିଛି, ନିର୍ବାଧାବିଙ୍କରେ ଗାଇ ଗୋରୁ ସେଠାରେ ପ୍ରବେଶ କରୁଛନ୍ତି, ସେହିଠାରେ କଣ୍ଟା ବାଡଟିଏ ହିଁ ଆପଣଙ୍କୁ ରକ୍ଷା କରିପାରେ। ହେଲେ ଏଠି କଣ୍ଟା ମିଳୁଥିଲେ ସୁଦ୍ଧା ଏହାର ସୁଫଳ ଓ

ସୁକର୍ମ କଲେ ସୁଫଳ ସୁନାମ ପ୍ରାପ୍ତି ହେଉଥିବ, ଆଉ ଦୁଷ୍କର୍ମ କଲେ ଦୁର୍ନାମ ମିଳିବ । କଥାରେ ଅଛି, 'ବାବୁଲ ଗଛ ଲଗାଇବ କଣ୍ଟା କେହୁଁ ନ ପାଇବ ।' ଆମ୍ବ ଗଛଟିଏ ଲଗାଇଲେ ଆମ୍ବ ପାଇବା, ଖଜୁରୀ ଲଗାଇଲେ ଖଜୁରୀ, ସେମିତି କଣ୍ଟା ଗଛଟିଏ ଲଗାଇଲେ କଣ୍ଟା ପାଇବା । ପ୍ରତ୍ୟେକ ପଦାର୍ଥକୁ ଦେଖିବାର ଦୃଷ୍ଟିକୋଣ ଅଲଗା ଅଲଗା ହୋଇପାରେ । କଣ୍ଟାଗଛଟିଏ ବି ବେଳେ ବେଳେ କାମରେ ଆସେ ।

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160

ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

କୁଫଳର ବିଚାରଣା କରି କଣ୍ଟା ବାଡଟିଏ କରିବାକୁ ଶ୍ରେୟସ୍କର ବୋଲି ଧରିନେବା ଉଚିତ।

ଯାହା ଆମପାଇଁ ଭଲ ଅନ୍ୟପାଇଁ ହୁଏତ ଭଲ ହୋଇ ନଥାଇ ପାରେ କିମ୍ବା ଯାହା ଆମ ପାଇଁ ଅଲୋଡା ତାହା ଅନ୍ୟପାଇଁ ମୂଲ୍ୟବାନ ହୋଇପାରେ। ଅଦରକାରୀ ଭାବି ନୂଆ ଜୋତାଟିଏ ପାଇଲେ ପୁରୁଣାକୁ ଆମେ ପକାଇ ରଖିଚୁ କିମ୍ବା ଫୋପାଡି ଦେଉଛୁ, ହେଲେ ସେହି ଜୋତା ଅନ୍ୟଜଣଙ୍କୁ ପଥଶ୍ରାନ୍ତରୁ ରକ୍ଷା କରିପାରେ ଏହା ଶୋଚନା ଯୋଗ୍ୟ। ଦୁନିଆରେ କୌଣସି ପଦାର୍ଥ ଅଦରକାରୀ, ଅଯୋଗ୍ୟ ବା ଅସୁନ୍ଦର ନୁହେଁ, ଦେଖିବାର ଦୃଷ୍ଟି କୋଣରୁ ବିଚାର କଲେ ସବୁ ଆମକୁ ଭଲ ଲାଗିବ। ରାସ୍ତାର ଧୂଳିରେ ଉଡିଯାଉଥିବା ଜରିଟିଏକୁ ଛୋଟ ପିଲାର ଦୃଷ୍ଟିରେ ଦେଖିଲେ, ସେ ନିଜକୁ ସେମିତି ପବନରେ ଉଡେଇ ନେଲାଭଳି ଅନୁଭବ କରିପାରିବ।

ଆସ ଆମେ ଦୁନିଆକୁ ନୂଆ କରି ଦେଖିବା। ପ୍ରତ୍ୟେକ ପଦାର୍ଥରେ ଖୁସି ଦେଖିବା। ନାହିଁ ନାହିଁ ବୋଲି ମନ ଉଦାସ କରିବା ନାହିଁ। ଯାହା ଅଛି ତାହା ଭଗବାନଙ୍କ ଆମପ୍ରତି ଥିବା ଆଶୀର୍ବାଦ ଭାବି ଧନ୍ୟବାଦାସ୍ପଦ ହେବା।

ଯାହା ଆମପାଇଁ ଭଲ ଅନ୍ୟପାଇଁ ହୁଏତ ଭଲ ହୋଇ ନଥାଇ ପାରେ କିମ୍ବା ଯାହା ଆମ ପାଇଁ ଅଲୋଡା ତାହା ଅନ୍ୟପାଇଁ ମୂଲ୍ୟବାନ ହୋଇପାରେ । ଦୁନିଆରେ କୌଣସି ପଦାର୍ଥ ଅଦରକାରୀ, ଅଯୋଗ୍ୟ ବା ଅସୁନ୍ଦର ନୁହେଁ, ଦେଖିବାର ଦୃଷ୍ଟି କୋଣରୁ ବିଚାର କଲେ ସବୁ ଆମକୁ ଭଲ ଲାଗିବ ।

Our Web Sites:-

| | |
|---|---|
| http://lyrics.aahwaan.com/ | For Lyrics of Hindi, English and Odia Songs |
| http://money.aahwaan.com/ | For Free Tutorials on Earning Money Online |
| http://tech.aahwaan.com/ | For Web Development Projects |
| http://www.aahwaan.com/money | For earning Money Online by e-Books |
| http://gate2009.co.cc/ | For GATE-2009 Tutorials |
| http://mkcg.co.cc/ | MKCG Medical College, Berhampur |
| http://odiaguru.com/ | For Web Hosting Services |
| http://orissaconsult.com/ | For consultant services in Orissa |

Sites Developed by Aahwaan Infotech:-

| | |
|---|---|
| http://homeopathytimes.com | FREE Homeopathy Knowledge Base |
| http://tffco.in | Transworld Farmers Fertilisers Co |
| http://modelcollege.co.in | Model college for women |

For web development Service please contact our Web Development Center:-

Website using open source CSS based design templates without custom graphics and physical meetings. Suitable for individuals and small businesses. Put your business in front of thousands of new customers, list detailed information about the services and products you provide, your business phone, your location, contact information. Get the complete website and send our fees by cheque, paypal or credit card. Suggested Hosting Plan with 256MB Space and 5 Email.

| Web Development Plans:- | Web Hosting Plans:- | Domain Registration- |
|---|---|---|
| 1. 5-9 Pages: Rs 5000.00 On wards | 1. 256 MB: Rs 500.00 / Year | Rs 400.00 for .com, .org, .info, etc.Rs 700.00 for .in and Rs 1000.00 for .tv domains registration / year. |
| 2. 10-15 Pages: Rs 8000.00 On wards | 2. 512 MB: Rs 800.00 / Year | |
| 3. 16-20 Pages: Rs 12000.00 On wards | 3. 1 GB: Rs 1500.00 / Year | |
| 4. 21 or More Pages: Rs 15000.00 On wards | 4. 2 GB: Rs 2500.00 / Year | |

http://tech.aahwaan.com http://www.odiaguru.com

ବିଜ୍ଞାପନ ଓ ଲେଖା ପ୍ରକାଶନ ପାଇଁ ଯୋଗାଯୋଗ କରନ୍ତୁ:
Aahwaan INFOTECH
Phone: +91-680-3296532
Mobile: +91-0-99385 17505
+91-0-98619 62160
ଡା ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବୀମା ନଗର, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡିଶା